# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୭ ◆ ଭୁବନେଶ୍ୱର ◆ ସୋମବାର ◆ ଅକ୍ଟୋବର ୦୫ରୁ ଅକ୍ଟୋବର ୧୧, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-07 ◆ Bhubaneswar ◆ Monday ◆ October 05 to October 11, 2026 ◆ Page-8 ◆ Price Rs.4.00


## ସାଙ୍ଗକୁ ତଣ୍ଟି କାଟି ହତ୍ୟା

ଭୁବନେଶ୍ୱର,(ଜା.ପ୍ର): ବ୍ରହ୍ମପୁର ଉପକଣ୍ଠ ନିମଖଣ୍ଡି ଅଞ୍ଚଳରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ସାଙ୍ଗ ଆକ୍ରମଣରେ ଚାଲିଯାଇଛି ଆଉ ଜଣଙ୍କ ଜୀବନ। ପ୍ରଥମେ ଏକାଠି ମଦ୍ୟପାନ, ପରେ ବଚସା, ହାତାହାତି ଓ ହତ୍ୟା। ଗତକାଲି ରାତି ପ୍ରାୟ ସାଢ଼େ ୧ଟାରେ ଏହି ହତ୍ୟାକାଣ୍ଡ ଘଟିଛି। ଦୁର୍ଦ୍ଦାନ୍ତ ଟୁନା ନାୟକଙ୍କୁ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା କରିଛି ସାଙ୍ଗ ବିଟୁ ସାହୁ। ଗ୍ରାମର ବିପ୍ରନାୟକଙ୍କ ପୁତ୍ର ଟୁନା ନାୟକ(୨୫)ଙ୍କୁ ଉକ୍ତ ଗ୍ରାମର ରାଘବ ସାହୁ ଓରଫ ବିଟୁ ସାହୁ ଏବଂ ତାଙ୍କ ସମର୍ଥକ ମିଳିତ ଭାବେ ଧାରୁଆ ଅସ୍ତ୍ରରେ ବେକ କାଟି ହତ୍ୟା କରିଥିବା ଜଣାପଡିଛି। ଘଟଣା ସ୍ଥଳରେ ବ୍ରହ୍ମପୁର ଏସ୍‌ପି ଅଭିନବ ସୋନଖର, ସଦର ଏସଡିପିଓ ସୁଭ୍ରାଂଶୁ ଶେଖର ପରିଡା ଓ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ସାହା ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏସପି ଶ୍ରୀ ସୋନଖର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତ ବିଟୁଙ୍କ ସହ ନିମଖଣ୍ଡି ବଡ଼ ସାହିର ବାସିନ୍ଦା ଟୁନା ନାୟକଙ୍କ ମଧ୍ୟରେ ପୂର୍ବରୁ ସୁସମ୍ପର୍କ ଥିଲା। କିନ୍ତୁ ବିଳମ୍ବିତ ରାତିରେ ଏକ ଘରେ ଉଭୟ ନିଶା ପାନ କରିଥିବା ବେଳେ କୌଣସି କାରଣକୁ ନେଇ ଟୁନା ଏବଂ ବିଟୁଙ୍କ ମଧ୍ୟରେ ବଚସା ହୋଇଥିଲା। ପ୍ରଥମେ ଟୁନା ବିଟୁକୁ ଆକ୍ରମଣ କରିଥିଲା। ଏଥିରେ ବିଟୁ ଉତ୍‌କ୍ଷିପ୍ତ ହୋଇ ତା ଗାଡିରେ ରଖିଥିବା ଧାରୁଆ ଅସ୍ତ୍ରରେ ଟୁନାର ବେକକୁ ଆକ୍ରମଣ କରିଥିଲା। ପରେ ଟୁନାଙ୍କ ସମ୍ପର୍କୀୟ ଘରକୁ ଦୌଡ଼ି ପଳେଇଥିଲା ଅଭିଯୁକ୍ତ।

## ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ

# ଗରମ ହେଉଛି ରାଜନୈତିକ ପାଣିପାଗ

ଭୁବନେଶ୍ୱର,(ଜା.ପ୍ର): ଆଗକୁ ଆସୁଛି ପଞ୍ଚାୟତ ଓ ପୌର ନିର୍ବାଚନ। ଯାହା ଓଡ଼ିଶା ରାଜନୀତିର ସବୁଠୁ ବଡ଼ ପରୀକ୍ଷା। ପଞ୍ଚାୟତ ଓ ପୌର ଦଖଲ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ନିଜ ନିଜର ମାଷ୍ଟରପ୍ଲାନ୍ ଆରମ୍ଭ କରିଦେଇଛନ୍ତି। ଯଦିଓ ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ହୋଇନି, ତଥାପି ଏବେ ଠୁ ଧିରେ ଧିରେ ରାଜନୈତିକ ପାଣିପାଗ ଗରମ ହେଉଛି। ରାଜ୍ୟ ରାଜନୀତିରେ ନିର୍ବାଚନୀ ହାୱା ବହିଲାଣି। ଗାଁ ଗଣ୍ଡାରୁ ସହର, ସବୁଠି ଆରମ୍ଭ ହୋଇଗଲାଣି ଗୋଟି ଚାଳନା।

ଗୋଟିଏ ପଟେ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଟ୍ରେନିଂ ଓ ବଡ଼ ପ୍ରସ୍ତୁତି। ଅନ୍ୟପଟେ ନିର୍ବାଚରେ ବାଜିମାତ ପାଇଁ ୩ ଦଳର କସରତ ଆରମ୍ଭ ହୋଇଛି। ବିଜେପିକୁ ନୂଆ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଟିପ୍ସ ଦେଇଛନ୍ତି। ଦାୟିତ୍ୱ ନେବା ପରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ପଞ୍ଚାୟତ ନିର୍ବାଚନ ପାଇଁ ବିଜେପି ରାଜ୍ୟ ପ୍ରଭାରୀ ମାନସ ମନ୍ଥନ କରିଛନ୍ତି। ଦଳୀୟ ନେତା ଓ ପଦାଧିକାରୀଙ୍କ ସହ ଘନଘନ ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ , ମନ୍ତ୍ରୀ ମଣ୍ଡଳର ସଦସ୍ୟ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ବିଜେପି ରାଜ୍ୟ ପ୍ରଭାରୀଙ୍କ ପ୍ରଥମ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଓ ଦଳର କର୍ମୀମାନଙ୍କୁ ଭେଟିଛନ୍ତି। ଦଳକୁ ଆଗକୁ



କେମିତି ମଜଭୁତ କରାଯିବ ସେ ନେଇ ଆଲୋଚନା ହୋଇଛି। ପଞ୍ଚାୟତ ନିର୍ବାଚନ ଜିତିବାକୁ ଖସଡ଼ା ପ୍ରସ୍ତୁତ ହୋଇଛି। ଏହାସହ ବର୍ତ୍ତମାନ ଦଳର ନେତାଙ୍କ ମନଭାବ କିପରି ରହିଛି ତା' ଉପରେ ମଧ୍ୟ ଆଲୋଚନା ହୋଇଛି। ବିଜେପିକୁ ମଜଭୁତ କରିବା ହିଁ ଆମର ଲକ୍ଷ୍ୟ। ଏହାସହ ଆଗକୁ ଦଳ କେମିତି ଯିବ ତା ଉପରେ ବିଶେଷ ଫୋକସ କରାଯାଇ ଥିବା ରାଜ୍ୟ ବିଜେପି ପ୍ରଭାରୀ କହିଛନ୍ତି। ଅନ୍ୟପଟେ ବିଜେଡି ଓ କଂଗ୍ରେସ ସବୁବେଳେ ଗ୍ରାଉଣ୍ଡରେ ଥିବା କହୁଛନ୍ତି। କଂଗ୍ରେସ କହିଛି, ପଞ୍ଚାୟତ ନିର୍ବାଚନ ପାଇଁ ଦଳ ସର୍ଣ୍ଣ ପ୍ରସ୍ତୁତ। ଅଢ଼େଇ ବର୍ଷର ସରକାରରେ ବିଜେପି କିଛି କରି ନାହିଁ, ବିଜେଡିକୁ ମଧ୍ୟ ଜନତା ଗତ ନିର୍ବାଚନରେ ପ୍ରତ୍ୟାଖାନ କରିସାରିଥିବା କଂଗ୍ରେସ ଅଭିଯୋଗ କରିଛି। ସେପଟେ ବିଜେଡିର ଦାବି ଦଳ ସବୁବେଳେ ଗ୍ରାଉଣ୍ଡରେ ରହିଛି। ନିର୍ବାଚନ ବେଳେ ଜଣାପଡ଼ିବ କିଏ କେତେ ପାଣିରେ ଅଛି।

ଗୋଟିଏ ପଟେ ରାଜନୈତିକ ଦଳଙ୍କ କମରକଷା, ଅନ୍ୟପଟେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପ୍ରସ୍ତୁତି। ତ୍ରୁଟିଶୂନ୍ୟ ଭୋଟର୍ ଲିଷ୍ଟ ପାଇଁ ଆସନ୍ତା ୨୬ରୁ ୭ ଯାଏଁ ଚାଲିବ ଡୋର୍ ଟୁ ଡୋର୍ ସର୍ଭେ। ଏଥିପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆରମ୍ଭ ହୋଇଗଲାଣି ଟ୍ରେନିଂ। ଘରକୁ ଘର ସର୍ଭେ ବେଳେ ଭୋଟରଙ୍କ ନାଁ, ଠିକଣା ଓ ଅନ୍ୟାନ୍ୟ ବିବରଣୀରେ ଥିବା ତ୍ରୁଟିକୁ ଚିହ୍ନଟ କରି ସଂଶୋଧନ କରାଯିବ। ସର୍ଭେରୁ ମିଳିବାକୁ ଥିବା ତଥ୍ୟ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନର ଭୋଟର ଲିଷ୍ଟ ପ୍ରସ୍ତୁତିର ଏକ ପ୍ରମୁଖ ଆଧାର ହେବ। ନିର୍ବାଚନ ଆୟୋଗଙ୍କ ପ୍ରସ୍ତୁତି ସହ ରାଜନୈତିକ ଦଳଗୁଡ଼ିକରେ ବି ବଢ଼ିଲାଣି ତତ୍ପରତା। ଗାଁ ଗାଁରେ ନିଜର ସଂଗଠନକୁ ମଜଭୁତ କରିବା ସହ ଭୋଟରଙ୍କ ପାଖରେ ପହଞ୍ଚିବାକୁ ଆରମ୍ଭ ହୋଇଛି ରଣନୀତି। ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କମ ସମୟ ଥିବା ବେଳେ କସରତ ଆରମ୍ଭ କରିଛନ୍ତି ୩ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ନୂଆ ଟିମ ଗଠନ କରିସାରିଛନ୍ତି। ନୂଆ ସୂର୍ଯ୍ୟୋଦୟ ଆଶାରେ କଂଗ୍ରେସ ବଡ଼ ପ୍ଲାନ କରିଛି। ବିଜେଡି ମଧ୍ୟ ନିର୍ବାଚନକୁ ସାମ୍ନା କରିବାକୁ ସଂଗଠନ ସଜଡ଼ା ପର୍ବ ଆରମ୍ଭ କରିସାରିଛି। ବରିଷ୍ଠଙ୍କୁ ସମ୍ମାନ ସହ ଜେନ-ଜି ଓ ଯୁବବର୍ଗଙ୍କୁ ଗୁରୁତ୍ୱ ଦେଇ ଦଳ ସଂଗଠନ ସଜାଡୁଛି। ବାଛି ବାଛି ପ୍ରସଙ୍ଗକୁ ଧରି ଲୋକଙ୍କୁ ପୁନର୍ବାର ଯୋଡିବାକୁ ବିଜେଡି ପ୍ରୟାସ କରୁଛି। ସେପଟେ ଶାସକ ଦଳ ବିଜେପ ମଧ୍ୟ ନିକଟରେ ଶେଷ ହୋଇଥିବା ୨ ଦିନିଆ କାର୍ଯ୍ୟକାରିଣୀରେ ନିର୍ବାଚନ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ୨୦୨୪ରେ ଓଡ଼ିଶାରେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିଥିବା ବିଜେପିର ଟାର୍ଗେଟ୍ ତୃଣମୂଳରେ ନିଜ ସଂଗଠନକୁ ଆହୁରି ମଜଭୁତ କରିବା। ଆଗାମୀ ନିର୍ବାଚନରେ ଜେନ୍-ଜି ଓ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ସବୁ ଦଳ ଭରପୁର ପ୍ରୟାସ କରିବ।

## ୩ ବର୍ଷ ପର୍ଯ୍ୟନ୍ତ ଖୋଲିବନି ନୂଆ ମଦ ଦୋକାନ

ଭୁବନେଶ୍ୱର,(ଜା.ପ୍ର): ଗତ ଏପ୍ରିଲ ପହିଲାରୁ ନୂତନ ଅବକାରୀ ନୀତି ଅନୁସାରେ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ। ସ୍ଥାନୀୟ ରେଳ ଅଡିଟୋରିୟମଠାରେ କମିଶନରେଟ୍ ପୁଲିସ ପକ୍ଷରୁ ସୋମବାର ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ- ୨.୦'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏଥିସହ ରାଜ୍ୟରୁ ନିଶାକୁ ମୂଳପୋଛ କରିବା ପାଇଁ ସେ ଦୃଢ଼ ଆହ୍ୱାନ ଦେଇଛନ୍ତି। ନିଶା କେବଳ ବ୍ୟକ୍ତିଗତ ଜୀବନକୁ ନୁହେଁ, ବରଂ ସମଗ୍ର ପରିବାର ଓ ସମାଜକୁ ବରବାଦ କରିଦେଉଛି ବୋଲି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କ ପକ୍ଷରୁ ନିଶା ବିରୁଦ୍ଧରେ 'ଜିରୋ ଟଲରେନ୍ସ' ନୀତି ଜାରି ରହିଥିବା ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୁଲିସର 'ନିଶାମୁକ୍ତ ଭାରତ' ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ୱେବସାଇଟ୍‌ର ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଅଧିକାଂଶ ଜଘନ୍ୟ ଅପରାଧ ଓ ମହିଳା ହିଂସା ପଛରେ ନିଶା ସେବନ ମୁଖ୍ୟ କାରଣ ପାଲଟିଥିବା ନେଇ ଗଭୀର ଚିନ୍ତା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ପ୍ରତିବର୍ଷ କେବଳ ମଦ୍ୟପାନ କାରଣରୁ ପ୍ରାୟ ୨ ଲକ୍ଷ ୬୦ ହଜାରରୁ ୨ ଲକ୍ଷ ୮୦ ହଜାର ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି। ମଦ୍ୟପାନ କରି ଗାଡ଼ି ଚଳାଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ସ୍ୱୀକାର କରିଛନ୍ତି। କେବଳ ମଦ ନୁହେଁ, ଗଞ୍ଜେଇ, ଅଫିମ, କୋକେନ, ହେରୋଇନ, ବ୍ରାଉନ ସୁଗାର ଓ ସିନ୍ଥେଟିକ୍ ଡ୍ରଗ୍ସ ଭଳି ହାଇ-ରିସ୍କ ଡ୍ରଗ୍ସ ବିରୁଦ୍ଧରେ ରାଜ୍ୟର ପୁଲିସ ଓ ଅବକାରୀ ପ୍ରଶାସନ ଆହୁରି ଅଧିକ କଠୋର ପ୍ରୋ-ଆକ୍ଟିଭ ପଦକ୍ଷେପ ନେବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ଏହାସହ ଚୋରା ଓ ବିଷକ୍ତ ମଦ କାରବାର ପାଇଁ ସ୍ଥାନୀୟ ପ୍ରଶାସନକୁ ଉତ୍ତରଦାୟୀ କରାଯାଇଛି। ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଏବଂ ଗୁଟ୍‌ଖା ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସାଙ୍ଗକୁ ସ୍କୁଲ ଓ କଲେଜ କ୍ୟାମ୍ପସକୁ 'ନିଶା ନିଷିଦ୍ଧ' ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଦେଶର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଦ୍ୱାରା ୨୦୨୯ ଶେଷ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଘୋଷିତ 'ଡେଡ୍‌ଲାଇନ୍'କୁ ସାକାର କରିବା ଦିଗରେ ଓଡ଼ିଶା ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଆକାଶରୁ ଖସିଲା ଅଜଣା ଯନ୍ତ୍ର

ଭୁବନେଶ୍ୱର,(ଜା.ପ୍ର): ଆକାଶରୁ ଖସିଲା ଅଜଣା ଯନ୍ତ୍ର। ଇସ୍ରୋରୁ ଆସିଲା ଫୋନ୍। ଗତକାଲି ଅପରାହ୍ଣରେ ନୀଳଗିରି ଆକାଶରୁ ଖସିଥିଲା ଏକ ଅଜଣା ବସ୍ତୁ । ସୋଲ ଡବା ଆକାରର ବସ୍ତୁଟିରେ ଏକ ହଳଦିଆ ରଙ୍ଗର ତାରରେ ବନ୍ଧା ହୋଇ ଶାଳ ଗଛରେ ଝୁଲିଥିବା ଦେଖିବାକୁ ପାଇଥିଲେ ନରଣପୁର ପଞ୍ଚାୟତ ଲୋକେ। ଯେଉଁଥିରେ 'ପି୦୦୮୬' ବୋଲି ଉଲ୍ଲେଖ ରହିଥିଲା। ଭୟଭୀତ ହୋଇ ଲୋକେ ପୁଲିସକୁ ଅବଗତ କରିଥିଲେ। ବରହମପୁର ପୁଲିସ ବାକ୍ସଟିକୁ ଉଦ୍ଧାର କରିବା ପରେ ସେଥିରୁ ଏକ ଆଣ୍ଟିନା ଓ ଟ୍ରାନ୍ସମିଟର ବାହାରିଥିଲା। ଯେଉଁଥିରେ ଏହା ପାଣିପାଗ ବିଭାଗ ଯନ୍ତ୍ର ବୋଲି ଲେଖା ଥିଲା। ପରେ ପୁଲିସକୁ ଟ୍ରାନ୍ସମିଟର ବାକ୍ସ ଭିତରୁ ଏକ ନମ୍ବର ମିଳିଥିଲା। ସେହି ନମ୍ବରରେ ଯୋଗାଯୋଗ କରିବା ପରେ ତାହା ଇସ୍ରୋକୁ ଲାଗିଥିଲା। ପରେ ଇସ୍ରୋର ଦୁଇ ବୈଜ୍ଞାନିକ କଲ କରିବା ପରେ ଘଟଣା ଉପରୁ ପରଦା ହଟିଛି। ନେମୀ ଚାନ୍ଦ ଓ ରାହୁଲ ଶିବଗୋଡିରା ନାମକ ଦୁଇ ବୈଜ୍ଞାନିକ ବରହମପୁର ପୁଲିସକୁ ଫୋନ କରିଥିଲେ। ଏବଂ କହିଥିଲେ ଏହା ଏକ ପାଣିପାଗ ଓ ବାୟୁ ମାପକ ଯନ୍ତ୍ର। ଯାହା ପରୀକ୍ଷଣ ସମୟରେ ବେଲୁନ ଫାଟିଯିବାରୁ ଖସିପଡ଼ିଛି। ଏହି ଯନ୍ତ୍ରର ମୂଲ୍ୟ ବହୁତ। ଯେହେତୁ ଏହା ନଷ୍ଟ ହୋଇନାହିଁ ଫେରାଇବା ପାଇଁ ଦୁଇ ବୈଜ୍ଞାନିକ ପୁଲିସକୁ କହିଥିଲେ। ସତ୍ୟାସତ୍ୟ ଯାଞ୍ଚ ପାଇଁ ବରହମପୁର ପୁଲିସ ପକ୍ଷରୁ ଆବଶ୍ୟକୀୟ କାଗଜ ପତ୍ର ଓ ତଥ୍ୟ ମଗାଯାଇଛି। ଉପଯୁକ୍ତ କାଗଜ ପତ୍ର ମିଳିଲେ ତାହା ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ବରହମପୁର ଆଇଆଇସି ଜନ ପଟ୍ଟନାୟକ କହିଛନ୍ତି। ଯେହେତୁ ବାଲେଶ୍ୱରରେ କ୍ଷେପଣାସ୍ତ୍ର ଘାଟି ରହିଛି। ଲୋକଙ୍କ ମଧ୍ୟରେ ଏହି ଯନ୍ତ୍ର କ'ଣ ଜାଣିବାକୁ ଉତ୍କଣ୍ଠା ବଢିଥିଲା। ଯାହା ଏବେ ଦୂର ହୋଇଛି। ହେଲେ ଇସ୍ରୋ ପକ୍ଷରୁ ଏସମ୍ପର୍କିତ କାଗଜପତ୍ର ନ ମିଳିବା ପର୍ଯ୍ୟନ୍ତ ପୁଲିସ ଏହା ଉପରେ ନଜର ରଖିଛି।

ଜାତୀୟ ଚେତନା
JATIYA CHETANA



# ଜ୍ଞାନେଶଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ

## ଖୋଲିବ ୨୦ ବର୍ଷ ପୁରୁଣା ଫାଇଲ୍, ତଦନ୍ତ ନିର୍ଦ୍ଦେଶ ଦେଲେ କେରଳ ଗୃହମନ୍ତ୍ରୀ

ନୂଆଦିଲ୍ଲୀ,(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ନାଁରେ ଭିଜିଲାନ୍ସ ତଦନ୍ତ ପାଇଁ କେରଳ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ 'ଭିଜିଲାନ୍ସ ଆଣ୍ଡ ଆଣ୍ଟି-କରପସନ୍ ବ୍ୟୁରୋ' ଦ୍ୱାରା କରାଯିବ। ଜ୍ଞାନେଶ କୁମାର ୨୦୦୬ ମସିହାରେ କେରଳର ପୂର୍ତ୍ତ ବିଭାଗ ସଚିବ ଥିବା ବେଳେ ଘଟିଥିବା ଅନିୟମିତତାକୁ ନେଇ ଏହି ପଦକ୍ଷେପ ନିଆଯାଇଛି। ଏହି ମାମଲା ମାଲେସିଆର ସିଭିଲ୍ ଇଞ୍ଜିନିୟର ଲି ସି ବିନ୍‌ଙ୍କ ତଥାକଥିତ ଆତ୍ମହତ୍ୟା ଘଟଣା ସହିତ ଜଡ଼ିତ। ସେ 'ପାଟି-ବେଲ' ନାମକ ସଂଯୁକ୍ତ କମ୍ପାନୀ ସହିତ ଜଡ଼ିତ ଥିଲେ। ଏହି ସଂଯୁକ୍ତ କମ୍ପାନୀକୁ 'କେରଳ ଷ୍ଟେଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ' ଅଧୀନରେ ଏକ ରାସ୍ତାର ଉନ୍ନତିକରଣ ଦାୟିତ୍ୱ ଦିଆଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ଇଞ୍ଜିନିୟରଙ୍କ ଆତ୍ମହତ୍ୟା ନୋଟରେ ସେତେବେଳର ରାଜ୍ୟ ପିଡବ୍ଲ୍ୟୁଡି ସଚିବ ଥିବା ଜ୍ଞାନେଶ କୁମାରଙ୍କ ନାମ ଉଲ୍ଲେଖ ଥିଲା। ୨୦୦୬ରେ କରାଯାଇଥିବା ପ୍ରାଥମିକ ତଦନ୍ତ ବାହ୍ୟ ଚାପ ଯୋଗୁ ବାଟବଣା ହୋଇଥିଲା ବୋଲି ଅଭିଯୋଗ ହେବା ପରେ ଏବେ ନୂଆ କରି ତଦନ୍ତ ଆରମ୍ଭ କରିବାକୁ କୁହାଯାଇଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେରଳର ଗୃହ ବିଭାଗ ୨୦୦୬ର 'ଭିଜିଲାନ୍ସ ଆଣ୍ଡ ଆଣ୍ଟି-କରପସନ୍ ବ୍ୟୁରୋ' ପ୍ରାଥମିକ ତଦନ୍ତ ସମ୍ବନ୍ଧୀୟ



ସମସ୍ତ ଫାଇଲ୍ ମାଗିଛନ୍ତି।

ରାଜ୍ୟ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ବାହ୍ୟ ପ୍ରଭାବ ସମ୍ବନ୍ଧୀୟ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ତଦନ୍ତର ଫଳାଫଳ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଗୃହମନ୍ତ୍ରୀ କହିଛନ୍ତି ଯେ ଏହି ମାମଲାରେ ବାହ୍ୟ ପ୍ରଭାବର ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଥିପାଇଁ ଏକ ବିସ୍ତୃତ ତଦନ୍ତ ଆବଶ୍ୟକ। କଂଗ୍ରେସ ନେତା ମାଲାୟିନକିଝୁ ଭେନୁଗୋପାଳ ସିଇସି ଜ୍ଞାନେଶ କୁମାରଙ୍କ ବିରୁଦ୍ଧରେ ତଦନ୍ତ ଦାବି କରି ଅଭିଯୋଗପତ୍ର ଦାଖଲ କରିବା ପରେ ରମେଶ ଚେନ୍ନିଥାଲା ଏହି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସେ ଅଭିଯୋଗକୁ ଯାଞ୍ଚ କରିଛନ୍ତି ଏବଂ ଏଥିରେ ଥିବା ଅଭିଯୋଗଗୁଡ଼ିକ ଯଥାର୍ଥ ବୋଲି ମନେ କରିଛନ୍ତି।୨୦୦୬ ମସିହାରେ, କେରଳ ଷ୍ଟେଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ ଦ୍ୱାରା ଅଙ୍ଗାମାଲିରୁ ତିରୁଅନନ୍ତପୁରମ୍ ପର୍ଯ୍ୟନ୍ତ ଏମ୍.ସି. ରୋଡ୍‌ର ପୁନଃନିର୍ମାଣ ପାଇଁ ବିଶ୍ୱ ବ୍ୟାଙ୍କ ଅନୁଦାନପ୍ରାପ୍ତ ୨୧୫ କୋଟି ଟଙ୍କାର ଏକ ପ୍ରକଳ୍ପକୁ ହାତକୁ ନିଆଯାଇଥିଲା। ଏକ ମାଲେସୀୟ କମ୍ପାନୀ ଏବଂ ଭାଗୀରଥ ଇଞ୍ଜିନିୟରିଂର ମିଳିତ ଉଦ୍ୟୋଗରେ 'ପାଟି-ବେଲ୍' ଏହି ପ୍ରକଳ୍ପରେ କାର୍ଯ୍ୟ କରିଥିଲା।

# ପାକିସ୍ତାନୀ ମହିଳା ଗୁପ୍ତଚରଙ୍କୁ ଦେଉଥିଲେ ଗୁପ୍ତ ତଥ୍ୟ, ନୌସେନାର ନାବିକ ଗିରଫ

ନୂଆଦିଲ୍ଲୀ,(ଏଜେନ୍ସି): ପାକିସ୍ତାନୀ ଗୁପ୍ତଚରଙ୍କୁ ସମୁଦ୍ର ସମ୍ବନ୍ଧୀୟ ଗୁପ୍ତ ତଥ୍ୟ ପଠାଇବା ଅଭିଯୋଗରେ ଭାରତୀୟ ନୌସେନାର ଜଣେ ନାବିକଙ୍କୁ ଗିରଫ କରାଯାଇଛି। ଭାରତ ବିରୋଧୀ ତତ୍ତ୍ୱ ସୋସିଆଲ ମିଡିଆରେ ହନିଟ୍ରାପ୍ ମାଧ୍ୟମରେ ଏହି ନାବିକଙ୍କୁ ନିଜ ଜାଲରେ ଫସାଇ ଥିଲେ । ଆନ୍ଧ୍ରପ୍ରଦେଶ ପୁଲିସର 'କାଉଣ୍ଟର ଇଣ୍ଟେଲିଜେନ୍ସ' (ସିଆଇ) ସେଲ୍ ୩୧ ବର୍ଷୀୟ ପ୍ରଦୀପ ମୁଖାର୍ଜୀଙ୍କୁ ଗତକାଲି ଅର୍ଥାତ ଶନିବାର କୋଏମ୍ବାଟୁରସ୍ଥିତ ନୌସେନାର ଲିଡରସିପ୍ ଟ୍ରେନିଂ ସେଣ୍ଟର 'ଆଇଏନଏସ୍ ଅଗ୍ରଣୀ'ରୁ ଗିରଫ କରିଥିବାବେଳେ ରବିବାର ଏହି ସୂଚନା ଦିଆଯାଇଛି।



ପଶ୍ଚିମବଙ୍ଗର ବାସିନ୍ଦା ଶ୍ରୀ ମୁଖାର୍ଜୀ, ୨୦୧୪ ମସିହାରେ ନୌସେନାରେ ନାବିକ ଭାବେ ଯୋଗ ଦେଇ ଥିଲେ ଏବଂ ସେ ବିଶାଖାପାଟଣାସ୍ଥିତ ନୌସେନାର ପୂର୍ବ କମାଣ୍ଡରେ ନିୟୋଜିତ ଥିଲେ। ଗିରଫ ସମୟରେ ସେ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ କୋର୍ସରେ ଭାଗ ନେଉଥିଲେ ଏବଂ ପ୍ରାୟ ଗୋଟିଏ ସପ୍ତାହ ଧରି କୋଏମ୍ବାଟୁରସ୍ଥିତ ଏହି ପ୍ରଶିକ୍ଷଣ କେନ୍ଦ୍ରରେ ରହୁ ଥିଲେ। ମିଳିଥିବା ସୂଚନା ଅନୁସାରେ, ଜଣେ ପାକିସ୍ତାନୀ ମହିଳା ଗୁପ୍ତଚର କିଛି ମାସ ପୂର୍ବରୁ ସୋସିଆଲ ମିଡିଆ ମାଧ୍ୟମରେ ଶ୍ରୀ ମୁଖାର୍ଜୀଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ସମୟ ସହିତ ସେହି ମହିଳା ଜଣକ ଅନଲାଇନ୍ ସମ୍ପର୍କର ଫାଇଦା ଉଠାଇ ବିଶାଖାପାଟଣା ନୌସେନା ଘାଟି ସହ ଜଡ଼ିତ ରଣନୈତିକ ନୌସେନା ସମ୍ପତ୍ତି, ଜାହାଜ ବାହିନୀର ଗତିବିଧି ଏବଂ ପରିଚାଳନା ସମ୍ବନ୍ଧୀୟ ସମ୍ବେଦନଶୀଳ ସୂଚନା ହାସଲ କରିଥିଲେ। ସୀମା ପାର୍ ଗୁପ୍ତଚରଗିରି ଓ ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା ପାଇଁ ଗଠିତ ସ୍ୱତନ୍ତ୍ର ୟୁନିଟ୍ 'ସିଆଇ', ଏହି ନାବିକଙ୍କ ସନ୍ଦେହଜନକ ଡିଜିଟାଲ୍ କାର୍ଯ୍ୟକଳାପ ବିଷୟରେ ଜାଣିବା ପରେ ତଦନ୍ତ ଆରମ୍ଭ କରିଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କ ଉପରେ କଡ଼ା ନଜର ରଖିଥିଲା।

## ୧୦୭ତମ ସ୍ୱନକ୍ଷତ୍ର ଦିବସ

# ଶତାୟୁ ହେଲେ ବି ଯୁବକ ପରି କାର୍ଯ୍ୟ କରୁଛି 'ସମାଜ': ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଦୈନିକ ଖବରକାଗଜ 'ସମାଜ' ଶତାୟୁ ହୋଇଛି ସତ, ହେଲେ ଯୁବକ ପରି କାମ କରୁଛି। ଓଡ଼ିଶା ଯେତେବେଳେ ପରାଧୀନ ଥିଲା, ସେତେବେଳେ ଓଡ଼ିଶାକୁ ପ୍ରାକୃତିକ ଦୁର୍ବିପାକ କବଳିତ କରି ରଖୁଥିଲା। ବନ୍ୟା, ବାତ୍ୟା ପ୍ରପୀଡ଼ିତ ଲୋକେ ଭାବୁଥିଲେ, ଆମ ପାଖରେ ଆଉ କିଏ ପହଞ୍ଚୁ କି ନ ପହଞ୍ଚୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିଶ୍ଚିତ ପହଞ୍ଚିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। 'ସମାଜ'ର ୧୦୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଲୋକେ ସରକାରଙ୍କ ଉପରେ ଭରସା କରୁନଥିଲେ, ଗୋପବନ୍ଧୁଙ୍କ ଉପରେ ଭରସା କରୁଥିଲେ। 'ସମାଜ' ଖବରକାଗଜ ଲମ୍ବା ସମୟ ଧରି ଗୋପବନ୍ଧୁଙ୍କ ଆଦର୍ଶକୁ ମୁଖ୍ୟ ଆଧାର କରି ଚାଲିଛି।




ମୁଖ୍ୟମନ୍ତ୍ରୀ କହିଥିଲେ, ଟେଲିଭିଜନ ଯେତେ ୨୪ ଘଣ୍ଟିଆ ଖବର ଦେଲେ ମଧ୍ୟ ଛାପା ଗଣମାଧ୍ୟମ ତା'ର ବିଶ୍ୱସନୀୟତା ବଜାୟ ରଖିଛି। ଖବର ପରିବେଷଣରେ ସମାଜ କେବେ ବି ସାଲିସ କରିନାହିଁ। ଉତ୍କଳମଣିଙ୍କ ପ୍ରେରଣାରେ 'ସମାଜ' ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ଜନସାଧାରଣଙ୍କ ସେବା କରି ଚାଲିବ। ଲୋକସେବକ ମଣ୍ଡଳର ସଭାପତି ଶ୍ରୀ ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ଦେଶ ସ୍ୱାଧୀନ ହେବା ପୂର୍ବରୁ ଯେଉଁ ମହତ୍ ଉଦ୍ଦେଶ୍ୟ ରଖି ପଣ୍ଡିତ ଗୋପବନ୍ଧୁ 'ସମାଜ'ର ପ୍ରତିଷ୍ଠା କରିଥିଲେ, ତାଙ୍କ ଅବର୍ତ୍ତମାନରେ ମଧ୍ୟ 'ସମାଜ' ତାହା ପରିପୂରଣ କରି ଚାଲିଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିଗରେ 'ସମାଜ'ର ଗୌରବମୟ ଯାତ୍ରା ଉତ୍ତର ପିଢ଼ିକୁ ଅନୁପ୍ରାଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ?ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଉତ୍କଳମଣିଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ 'ସମାଜ' ପିଢ଼ି ପରେ ପିଢ଼ି ଧରି ଓଡ଼ିଆ ଜାତିକୁ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ କରି ଆସୁଛି। ନିର୍ଭୀକ ଖବରର ଏହି ଧାରା ଆଗାମୀ ଦିନରେ ମଧ୍ୟ 'ସମାଜ' ଜାରି ରଖିବ ବୋଲି ମୋର ବିଶ୍ୱାସ। ସଭାପତିତ୍ୱ ଅଭିଭାଷଣରେ ଲୋକସେବକ ମଣ୍ଡଳ ସଭାପତି ଶ୍ରୀ ରାଜକୁମାର କହିଥିଲେ, ଉତ୍କଳମଣି ଗୋପବନ୍ଧୁ ଲୋକସେବକ ମଣ୍ଡଳକୁ 'ସମାଜ' ପରିଚାଳନାର ଦାୟିତ୍ୱ ଦେବା ହୁଏତ ଏହି ଖବରକାଗଜକୁ ଶତାୟୁ କରିଛି। ସ୍ୱାଧୀନତା ପୂର୍ବରୁ ଉତ୍କଳମଣି ଗୋପବନ୍ଧୁ କଲମକୁ ଜନସେବାର ସାଧନ କରିଥିଲେ। ସେହି ଆଦର୍ଶରେ ଏହା ଆଜି ବି ଚାଲିଛି। 'ସମାଜ' ଖବରକାଗଜ କେବଳ କାଗଜ ଉପରେ ଛାପା ଶବ୍ଦ ନୁହେଁ, ଲୋକତନ୍ତ୍ରର ସ୍ୱର ହେଉଛି 'ସମାଜ'। ଏହି ମହାନ ଲିଗାସିକୁ ଆଗକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଲୋକସେବକ ମଣ୍ଡଳର ଉପସଭାପତି ଦୀପକ ମାଲବ୍ୟ କହିଥିଲେ, ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି କୌଣସି ସରକାର ଦେଇ ନ ଥିଲେ, ଓଡ଼ିଶାର ଜନସାଧାରଣ ଦେଇଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ବିଚାରଧାରା, ମୂଲ୍ୟବୋଧକୁ ନେଇ 'ସମାଜ' ତା'ର ଦୀର୍ଘଦିନର ଯାତ୍ରା ଅବ୍ୟାହତ ରଖିଛି। 'ସମାଜ' ତଥାକଥିତ କର୍ପୋରେଟ କଲ୍‌ଚରରେ ବିଶ୍ୱାସ କରେନି। ସମୟକୁ ଚାହିଁ 'ସମାଜ' ମଧ୍ୟ ତା'ର ରଣନୀତି ବଦଳାଉଛି; ମାତ୍ର ପାଠକ ହିଁ ସର୍ବାଗ୍ରେ ବୋଲି ସେ କହିଥିଲେ।

ଲୋକସେବକ ମଣ୍ଡଳ ସମ୍ପାଦକ ରମାନାଥ ଝା କହିଥିଲେ, 'ସମାଜ'କୁ ପୁରୁଣା ଲୋକଙ୍କ ଖବରକାଗଜ କୁହାଯାଉଥିଲା। ହେଲେ ଆଜି ଏତେସଂଖ୍ୟାରେ ଯୁବବର୍ଗଙ୍କ ଉପସ୍ଥିତି ଏହି ଭ୍ରମକୁ ଦୂର କରିପାରିଛି। 'ସମାଜ' କେବଳ କାଗଜ ଓ କାଳି ନୁହେଁ, ବରଂ ଓଡ଼ିଶାର କୋଟିକୋଟି ଲୋକଙ୍କ ବିଶ୍ୱାସର ପ୍ରତୀକ। ଏହା ଏକ ଦାୟିତ୍ୱବାନ ଗଣମାଧ୍ୟମ। 'ସମାଜ' ଉପରେ ଓଡ଼ିଆଙ୍କ ପୂର୍ଣ୍ଣ ଆବେଗିକ ଅଧିକାର ରହିଛି। ଏହି ୧୦୭ ବର୍ଷ ମଧ୍ୟରେ 'ସମାଜ'ରେ ଅନେକ ପରିବର୍ତ୍ତନ ଆସିଛି। ଆଗକୁ ଆହୁରି ମଧ୍ୟ ପରିବର୍ତ୍ତନ ଆସିବ। ଲୋକସେବକ ମଣ୍ଡଳର କୋଷାଧ୍ୟକ୍ଷ ଏବଂ 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା 'ସମାଜ' କିଭଳି ଲୋକଙ୍କ ସହ ଯୋଡ଼ି ହୋଇ ରହିଛି, ସେ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ବିପନ୍ନ ଓ ଦୁଃଖୀଜନଙ୍କ ପାଇଁ ବିପତ୍ତିକାଳରେ 'ସମାଜ' ରିଲିଫ୍ ଏକ ଆଶ୍ୱାସନା ବୋଲି ସେ କହିଥିଲେ। ଏହି ଅବସରରେ 'ସମାଜ'ର ୧୦୭ ବର୍ଷ ପଦାର୍ପଣ ସମ୍ପର୍କିତ ଲୋଗୋ, ବାର୍ଷିକ ପ୍ରସଙ୍ଗଭିତ୍ତିକ ଲୋଗୋ 'ନିଶାମୁକ୍ତ ଯୁବ ସମାଜ, ସମାଜର ପ୍ରୟାସ' ସମେତ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ଆଗାମୀ ପୂଜା ସଂଖ୍ୟା ସହ 'ସମାଜ'ର ସ୍ୱତନ୍ତ୍ର ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ 'ସମାଜ'ର ଶ୍ରେଷ୍ଠ ସାମ୍ବାଦିକ, ବିତରକ, ବିଜ୍ଞାପନଦାତା ଓ ୟୁଥ୍ ଆଇକନ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

'ସମାଜ'ର ପରମ୍ପରା ଓ ଆଦର୍ଶକୁ ନେଇ ଶିଳ୍ପୀ ମାନସ ସାହୁ ଓ ତାଙ୍କ ଟିମ୍ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା। 'ସମାଜ' ସମ୍ପାଦକ ବାମାପଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ରଖିଥିଲେ। 'ସମାଜ'ର ମୁଖ୍ୟ ପରିଚାଳକ ଗୋପୀନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଯୁବଗୋଷ୍ଠୀଙ୍କୁ 'ସମାଜ' ସହ ଯୋଡ଼ିବା ଅଭିପ୍ରାୟରେ 'ପ୍ରଜ୍ୱଳିତ ଓଡ଼ିଶା: ୟୁଥ୍ କନେକ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଆଇଡଲ ବିଜେତା, ଯୁବ ଓଡ଼ିଆ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ ସଙ୍ଗୀତ ପରିବେଷଣ କରି ଯୁବ? ?ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ନିଶାମୁକ୍ତି ଅଭିଯାନର ପ୍ରେରଣାଦାୟୀ ଯୁବ ପ୍ରତିଭା ଅର୍ପିତା ବେହେରା ଯୁବଗୋଷ୍ଠୀଙ୍କୁ ନିଶାମୁକ୍ତିର ସଂକଳ୍ପ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, 'ସମାଜ'ର ପାଠକ, ସାମ୍ବାଦିକ, ବିଜ୍ଞାପନଦାତା, ବିତରକ, ଯୁବଗୋଷ୍ଠୀ ଯୋଗ ଦେଇଥିଲେ।

ଜାତୀୟ ଚେତନା
JATIYA CHETANA



## 'ଦମନ' ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ କଡ଼ା ପଦକ୍ଷେପ

# ୧,୪୪୮ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ, ୧,୭୦୭ ଅବକାରୀ ମାମଲା ଓ ୮୯ ଏନଡିପିଏସ୍ ମାମଲା

ଭୁବନେଶ୍ୱର,(ଜା.ପ୍ର): ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତ୍ତା ସୁନିଶ୍ଚିତ କରିବା ସହ ବେଆଇନ ନିଶାଦ୍ରବ୍ୟ ଓ ମଦ କାରବାର ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୋଲିସ, କମିଶନରେଟ ପୋଲିସ, ରେଳବାଇ ପୋଲିସ ଓ ଅନ୍ୟାନ୍ୟ ପୋଲିସ ୟୁନିଟ ଗୁଡିକର ମିଳିତ ସମନ୍ୱୟରେ ସେପ୍ଟେମ୍ବର ୨୧ରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଚାଲିଥିଲା।

ଏହି ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧,୪୪୮ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଥିବା ବେଳେ ବିଏନ୍‌ଏସ୍‌ଏସ୍ ଧାରା ୧୨୯ ଅନୁଯାୟୀ ୧,୦୧୨ ଜଣଙ୍କ ବିରୋଧରେ ପ୍ରୋସିଡିଂ ଦାଖଲ କରାଯାଇଛି।

ସେହିପରି ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୮୯ଟି ଏନଡିପିଏସ୍ ମାମଲା ରୁଜୁ କରାଯାଇ ୧୦୯ ଜଣଙ୍କୁ ଗିରଫ କରାଯାଇଛି। ଏହି ସମୟ ମଧ୍ୟରେ ପ୍ରାୟ ୮.୧୩ ଟନ୍ ଗଞ୍ଜେଇ ଜବତ ହୋଇଛି।ଏଥିସହ ୧୯,୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା ବେଳେ ୩୯୪.୬୪୫ ଗ୍ରାମ୍ ବ୍ରାଉନ୍ ସୁଗାର ଓ ୧,୦୬୬ଟି କଫ୍ ସିରପ୍ ବୋତଲ ଜବତ କରାଯାଇଛି।

ସେହିପରି ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ୧,୭୦୭ଟି ମାମଲା ରୁଜୁ କରାଯାଇ ୧୪୦ ଜଣଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନରେ ୧୦,୨୯୮.୨୪ ଲିଟର ଚୋରା ଦେଶୀ ମଦ, , ୨,୯୨୨.୪୦୯ ଲିଟର ବିଦେଶୀ ମଦ, ୧,୦୯୨.୫୪ ଲିଟର ଆସ୍କା-୪୦ ଜବତ କରାଯାଇଛି। ଏଥିସହ ୮୦୦ କେଜି ପୋଚ ଓ ୮୧ ଲିଟର ମହୁଲି ମଦ ମଧ୍ୟ ଜବତ ହୋଇଛି।

ଏହାବ୍ୟତୀତ ଜୁଆ କାରବାର ବିରୋଧରେ ୪୬ଟି ମାମଲା ରୁଜୁ କରାଯାଇ ୬୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪,୩୬,୦୮୬ ଟଙ୍କା ଜବତ ହୋଇଛି। ସେହିପରି ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ ୧୬ଟି ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯିବା ସହ ୧୦,୫୨୦ ଟଙ୍କା ଜବତ କରାଯାଇଛି।

ଏହାବ୍ୟତୀତ ବେଆଇନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ବିରୋଧରେ ୬ଟି ମାମଲା ରୁଜୁ କରାଯାଇଛି। ଏଥିରେ ୫ଟି ବନ୍ଧୁକ, ଗୋଟିଏ ରିଭଲଭର, ୪ ରାଉଣ୍ଡ ଗୁଳି, ଗୋଟିଏ ମ୍ୟାଗାଜିନ୍, ୨ଟି ଖାଲି କାର୍ଟ୍ରିଜ୍, ୨.୫ କେଜି ବାରୁଦ ଓ ୨ଟି ଖଣ୍ଡା ଜବତ ହୋଇଛି।

ସେହିପରି ସଂଗଠିତ ଅପରାଧ ବିରୋଧରେ ୭ଟି ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି।

ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ ନଜର ରଖିବା ସହ ବେଆଇନ ନିଶାଦ୍ରବ୍ୟ, ମଦ, ଅସ୍ତ୍ର ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀର ଚାଲାଣ ରୋକିବା ପାଇଁ ରାଜ୍ୟରେ ୧,୮୩୦ଟି ବ୍ଲକିଂ ଓ ବର୍ଡର ସିଲିଂ ଅପରେସନ୍ କରାଯାଇଥିଲା। ଅନ୍ତଃଜିଲ୍ଲା ଓ ଆନ୍ତଃରାଜ୍ୟ ରାସ୍ତାରେ ଯାଞ୍ଚକୁ ଜୋରଦାର କରାଯାଇଥିଲା।

ପାର୍ବଣ ସମୟରେ ରାଜ୍ୟବାସୀଙ୍କ ଶାନ୍ତି, ସୁରକ୍ଷା ଓ ନିରାପଦ ପରିବେଶ ସୁନିଶ୍ଚିତ କରିବା ସହ ଅପରାଧ ନିୟନ୍ତ୍ରଣ ଓ ପ୍ରତିଷେଧମୂଳକ ପୋଲିସିଂକୁ ଆହୁରି ସୁଦୃଢ଼ କରିବା ପାଇଁ ପୋଲିସର କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ଜାରି ରହିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# କେନ୍ଦ୍ରାଞ୍ଚଳର ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ




କଟକ,(ଜା.ପ୍ର): କେନ୍ଦ୍ରାଞ୍ଚଳ ଅଧୀନସ୍ଥ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ପ୍ରାୟ ୮୦ ଜଣ ନବନିଯୁକ୍ତ ସବ୍-ଇନ୍ସପେକ୍ଟରଙ୍କ ପାଇଁ ଆଜି କଟକସ୍ଥିତ ଆଇପିଏସ୍ ଅଫିସର୍ସ ମେସ୍‌ର ପାଢ଼ୀ ମେମୋରିଆଲ୍ ହଲ୍‌ରେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନବନିଯୁକ୍ତ ଅଧିକାରୀମାନଙ୍କୁ ପୋଲିସ୍ ଦାୟିତ୍ୱ, ସମସାମୟିକ ଅପରାଧ ଏବଂ ପୋଲିସିଂର ବିଭିନ୍ନ ଦିଗ ସମ୍ପର୍କରେ ଆବଶ୍ୟକୀୟ ମାର୍ଗଦର୍ଶନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଓଡ଼ିଶାର ଡିଜିପି ବିନୟତୋଷ ମିଶ୍ର, ଆଇପିଏସ୍‌ଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡଃ ସତ୍ୟଜିତ ନାଏକ, ଆଇଜିପି, କେନ୍ଦ୍ରାଞ୍ଚଳ, କଟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କୁ ସମ୍ବୋଧିତ କରିଥିଲେ ଏବଂ ସେମାନଙ୍କ ସହ ଆଲୋଚନା କରିଥିଲେ।

ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଡଃ ସତ୍ୟଜିତ ନାଏକ ଶୃଙ୍ଖଳା, ବୃତ୍ତିଗତ ସଚ୍ଚୋଟତା, ନାଗରିକମାନଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ଆଇନର ଶାସନ ପ୍ରତି ସମ୍ମାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିବର୍ତ୍ତିତ ଅପରାଧର ସ୍ୱରୂପ ଓ ପୋଲିସିଂରେ ଆସୁଥିବା ନୂତନ ଆହ୍ୱାନକୁ ଦୃଷ୍ଟିରେ ରଖି ନିଜ ଜ୍ଞାନ ଓ ଦକ୍ଷତାକୁ ନିରନ୍ତର ଭାବେ ବିକଶିତ କରିବା ସହ ନିଷ୍ଠା, ନିରପେକ୍ଷତା ଓ ବୃତ୍ତିଗତ ମନୋଭାବର ସହିତ ଦାୟିତ୍ୱ ତୁଲାଇବାକୁ ସେ ନବନିଯୁକ୍ତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ମାଦକର ସନ୍ଦୀପ ସମ୍ପତ, ଆଇପିଏସ୍, ଡିଆଇଜି, କ୍ରାଇମ୍ ବ୍ରାଞ୍ଚ, ଓଡ଼ିଶା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧର ସମସାମୟିକ ପରିସ୍ଥିତି ଓ ବିଭିନ୍ନ ଦିଗ ଉପରେ ଏକ ବିଶେଷ ଅଧିବେଶନ ନେଇଥିଲେ। ସେ ସାଇବର ଅପରାଧର ନୂତନ ରୂପ, ପ୍ରଯୁକ୍ତିଭିତ୍ତିକ ଅପରାଧର ତଦନ୍ତ ସମୟରେ ଦେଖାଦେଉଥିବା ଆହ୍ୱାନ ଏବଂ ଏଭଳି ଅପରାଧର ମୁକାବିଲା ପାଇଁ ପ୍ରଯୁକ୍ତିଗତ ଜ୍ଞାନ ଓ ତଦନ୍ତ ଦକ୍ଷତା ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ଅଧିକାରୀମାନଙ୍କୁ ସଚେତନ କରିଥିଲେ।

ଡଃ ରାମ କିଶୋର ଶର୍ମା, ନ୍ୟାସନାଲ୍ କ୍ୟାରିଅର୍ ସର୍ଭିସେସ୍ ଏବଂ ପୂର୍ବତନ ମୁଖ୍ୟ, ଏନ୍‌ସିଡିଏସ୍, ଭାରତ ସରକାର ସମ୍ବଳ ଭାବେ ଯୋଗଦେଇ ନବନିଯୁକ୍ତ ଅଧିକାରୀମାନଙ୍କ ସହ ବୃତ୍ତିଗତ ବିକାଶ, କ୍ୟାରିଅର୍ ଓ ଦାୟିତ୍ୱ ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ତାଙ୍କ ଅଧିବେଶନରେ ବୃତ୍ତିଗତ ବିକାଶ, କାର୍ଯ୍ୟକ୍ଷେତ୍ରରେ ଆସୁଥିବା ଆହ୍ୱାନ ଏବଂ ନିଜ ଦାୟିତ୍ୱ ପ୍ରତି ସନ୍ତୁଳିତ ଓ ଦାୟିତ୍ୱବାନ ମନୋଭାବ ବିକଶିତ କରିବା ଉପରେ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା।

କେନ୍ଦ୍ରାଞ୍ଚଳର ବରିଷ୍ଠ ପୋଲିସ୍ ଅଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କ ସହ ଆଲୋଚନା କରିଥିଲେ। ପରମାର ସ୍ମିତ, ଆଇପିଏସ୍, ଏସ୍‌ପି, ଖୋର୍ଦ୍ଧା; ପ୍ରତୀକ ସିଂହ, ଆଇପିଏସ୍, ଏସ୍‌ପି, ପୁରୀ; ବିନିଥ ଅଗରୱାଲ, ଆଇପିଏସ୍, ଏସ୍‌ପି, କଟକ; ସିଦ୍ଧାର୍ଥ କାଟେରିଆ, ଆଇପିଏସ୍, ଏସ୍‌ପି, କେନ୍ଦ୍ରାପଡ଼ା; ସୁଭେନ୍ଦୁ ପାତ୍ର, ଏସ୍‌ପି, ନୟାଗଡ଼; ଏବଂ ଅଙ୍କିତ କୁମାର ବର୍ମା, ଏସ୍‌ପି, ଜଗତସିଂହପୁର ନିଜ ଅଭିଜ୍ଞତା ବାଣ୍ଟିବା ସହ କ୍ଷେତ୍ରସ୍ତରୀୟ ପୋଲିସିଂ, ନେତୃତ୍ୱ, ବୃତ୍ତିଗତ ଆଚରଣ ଏବଂ ଦାୟିତ୍ୱର ପ୍ରଭାବୀ ନିର୍ବାହ ସମ୍ପର୍କରେ ନବନିଯୁକ୍ତ ଅଧିକାରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମ ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କୁ ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ଆଲୋଚନା କରିବାର ସୁଯୋଗ ଦେଇଥିଲା। ଏହା ମାଧ୍ୟମରେ ସେମାନେ ନିଜ ନୂତନ ଭୂମିକା, ଦାୟିତ୍ୱ ଓ ପୋଲିସିଂରେ ଆଶା କରାଯାଉଥିବା ବୃତ୍ତିଗତ ମାନଦଣ୍ଡ ସମ୍ପର୍କରେ ବ୍ୟାପକ ଧାରଣା ପାଇଥିଲେ। କାର୍ଯ୍ୟକ୍ରମରେ ବୃତ୍ତିଗତ ଦକ୍ଷତା ବୃଦ୍ଧି, ନେତୃତ୍ୱ ଗୁଣର ବିକାଶ, ନୂତନ ଆହ୍ୱାନର ମୁକାବିଲା ଏବଂ ନାଗରିକକୈନ୍ଦ୍ରିକ ପୋଲିସିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଅତିରିକ୍ତ ଏସ୍‌ପି ଅଶ୍ୱିନୀ କୁମାର ସାହୁ ଏବଂ ଅତିରିକ୍ତ ଏସ୍‌ପି ମୀନାକ୍ଷୀ ଠାକୁର କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନାରେ ସହଯୋଗ କରିଥିଲେ। ବୃତ୍ତିଗତ ଉତ୍କର୍ଷ, ନୈତିକ ଆଚରଣ, ପ୍ରଯୁକ୍ତିଗତ ଦକ୍ଷତା, ନାଗରିକମାନଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ନ୍ୟାୟ ଓ ଜନସେବା ପ୍ରତି ଅଟଳ ପ୍ରତିବଦ୍ଧତାର ଗୁରୁତ୍ୱ ଉପରେ ଆଲୋକପାତ କରି ଏହି ଅଭିମୁଖୀକରଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା।

# ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନ ମଜଭୁତ୍ କରିବା ଲକ୍ଷ୍ୟରେ ଆମ୍ ଆଦମୀ ପାର୍ଟି ଭୁବନେଶ୍ୱର ଜିଲ୍ଲା ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,(ଜା.ପ୍ର): ଆମ୍ ଆଦମୀ ପାର୍ଟି, ଭୁବନେଶ୍ୱର ଜିଲ୍ଲା ସଂଗଠନ ପକ୍ଷରୁ କାର୍ଯ୍ୟକର୍ତ୍ତା ମାନଙ୍କର ଏକ ସାଂଗଠନିକ ବୈଠକ ଜିଲ୍ଲା ସଭାପତି ଜୟସୂର୍ଯ୍ୟ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ସାଂଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା, ଜନସାଧାରଣଙ୍କ ନିକଟରେ ଦଳର ବାର୍ତ୍ତା ପହଞ୍ଚାଇବା ଏବଂ ଲୋକଙ୍କ ସହ ଯୋଡ଼ି ହେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।



ଏହି ବୈଠକରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ୱାର୍ଡର ପ୍ରତିନିଧି ଓ ନେତୃବୃନ୍ଦ ଯୋଗଦେଇଥିଲେ। ଆଗାମୀ ମହାନଗର ନିଗମ ନିର୍ବାଚନରେ ସମସ୍ତ ୱାର୍ଡରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ନିଶିକାନ୍ତ ମହାପାତ୍ର ଏହି ବୈଠକର ଘୋଷଣା କରିଥିଲେ। ଇତ୍ୟବସରରେ ଶ୍ରୀ ମହାପାତ୍ର ସମସ୍ତ କର୍ମକର୍ତ୍ତା ଓ ଦଳୀୟ ନେତୃତ୍ୱଙ୍କୁ ନିଜ ନିଜ ୱାର୍ଡରେ ଅଧିକରୁ ଅଧିକ ସଦସ୍ୟଙ୍କୁ ଦଳ ସହ ଯୋଡ଼ିବାକୁ ଶ୍ରୀ ମହାପାତ୍ର ଆହ୍ୱାନ ଦେଇଥିଲେ। ଆଗାମୀ ନିର୍ବାଚନରେ ଦଳ କିପରି ସଂଗଠିତ ଓ ଶକ୍ତିଶାଳୀ ଭାବେ ନିର୍ବାଚନ ଲଢ଼ିପାରିବ, ସେଥିପାଇଁ ସେ ବିଭିନ୍ନ ସାଂଗଠନିକ ପରାମର୍ଶ କର୍ମକର୍ତ୍ତାଙ୍କୁ ପ୍ରଦାନ କରିଥଲେ।

ପ୍ରତ୍ୟେକ ୱାର୍ଡରେ ୱାର୍ଡ କମିଟି ଗଠନ କରିବା ସହ ସ୍ଥାନୀୟ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ଜନସାଧାରଣଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ଜିଲ୍ଲା ସଭାପତି ଶ୍ରୀ ଜୟସୂର୍ଯ୍ୟ କାନୁନଗୋ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱରେ ଦାୟିତ୍ୱରେ ଥିବା ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀ ସନ୍ଦୀପ୍ତ ଦାସ୍ ୱାର୍ଡ ସ୍ତରୀୟ ସମସ୍ୟା ଓ ଏହାର ସମାଧାନ ମାଧ୍ୟମରେ ତୃଣମୂଳ ସ୍ତରରେ ସକ୍ରିୟ ରହିବାକୁ କର୍ମକର୍ତ୍ତାଙ୍କୁ ନିବେଦନ କରିଥିଲେ।

ଏଥିସହ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡର ପ୍ରତିନିଧି ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ମିଳିତ ବୈଠକ ଆୟୋଜନ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଏହି ସାଂଗଠନିକ ବୈଠକର ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ ପାଣି, ସିଦ୍ଧାର୍ଥ ପରିଡ଼ା, ଲଳିତ ଅଧିକାରୀ, ଶ୍ରୀ ଶାରଦା ଦାଶ, ଶୈଳେନ୍ଦ୍ର ସ୍ୱାଇଁ, ଲଲାଟ ଜେନା, ଜୟରାମ ମଲ୍ଲିକ, ସୁପ୍ରାଜ ଦିଗାଲ, ଜ୍ୟୋତିର୍ମୟୀ ନାୟକ, ଅଞ୍ଜଳି ନାଥ, ଜିପ୍ରାସ୍ ଦିଗାଲ, ସଲମାନ୍ ଖାନଙ୍କ ସମେତ ଜିଲ୍ଲା ସଙ୍ଗଠନର ବହୁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବୈଠକକୁ ସଫଳ କରିଥିଲେ।

ଜାତୀୟ ଚେତନା
JATIYA CHETANA

# ପରିବେଶ ସୁରକ୍ଷା

ମହାକାଳର ଅସୀମ ଗର୍ଭରେ ଇତିହାସର ଅନେକ ପୃଷ୍ଠା ରକ୍ତର କାଳିରେ ଲେଖାଯାଇଛି, ଅନେକ ବିପ୍ଳବ କେବଳ କ୍ଷମତା ଆଉ ସାମ୍ରାଜ୍ୟବାଦର ମୋହରେ ଧୂଳିସାତ ହୋଇଯାଇଛି। କିନ୍ତୁ ବିଂଶ ଶତାବ୍ଦୀର ସେହି କାଳଖଣ୍ଡରେ, ଯେତେବେଳେ ସମଗ୍ର ବିଶ୍ୱ ଯାନ୍ତ୍ରିକ ସଭ୍ୟତା ଓ ପୁଞ୍ଜିବାଦର ଅନ୍ଧ ଅନୁକରଣରେ ବ୍ୟସ୍ତ ଥିଲା, ସେତେବେଳେ ଭାରତରେ ଜଣେ ସାଧାରଣ ଆଣ୍ଠୁଲୁଗା ପିନ୍ଧା ମଣିଷ ବିଶ୍ୱ ଇତିହାସର ସବୁଠାରୁ ବଡ଼ ମାନବୀୟ ବିପ୍ଳବର ସୂତ୍ରପାତ କରିଥିଲେ। ସେହି ଅସାଧାରଣ ବ୍ୟକ୍ତିତ୍ୱ ଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଆଜି ଏକବିଂଶ ଶତାବ୍ଦୀର ଜଳବାୟୁ ସଙ୍କଟ ଓ ପରିବେଶ ଅବକ୍ଷୟର କରାଳ ରୂପ ସାମ୍ନାରେ ଠିଆ ହୋଇ ଯେତେବେଳେ ସମଗ୍ର ବିଶ୍ୱ ଏକ ସବୁଜ ଭବିଷ୍ୟତ ପାଇଁ ବ୍ୟାକୁଳ ହେଉଛି, ସେତେବେଳେ ଗାନ୍ଧିଜୀଙ୍କ ସେହି ସ୍ୱଦେଶୀ ଚିନ୍ତାଧାରା ଓ ପରିବେଶ ଦର୍ଶନ ବଡ଼ ମହାମନ୍ତ୍ର ଭାବେ ଉଭା ହୋଇଛି। ଗାନ୍ଧୀ କେବଳ ଜଣେ ରାଜନୈତିକ ସଂଗ୍ରାମୀ ନ ଥିଲେ, ସେ ଥିଲେ ବିଶ୍ୱର ପ୍ରଥମ ଏବଂ ସବୁଠାରୁ ଦୂରଦୃଷ୍ଟିସମ୍ପନ୍ନ ପରିବେଶବିତ୍, ଯାହାଙ୍କର ପ୍ରତିଟି ବିଚାରରେ ପ୍ରକୃତି ସହ ମାନବ ଜାତିର ନିବିଡ଼ ସମ୍ପର୍କ ପ୍ରତିଫଳିତ ହେଉଥିଲା।

ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଏବଂ ତାଙ୍କ ଦ୍ୱାରା ପରିଚାଳିତ ସ୍ୱଦେଶୀ ଆନ୍ଦୋଳନର ମୂଳଦୁଆ କେବଳ ବ୍ରିଟିଶ ଅର୍ଥନୀତିକୁ ପ୍ରତିହତ କରିବା ମଧ୍ୟରେ ସୀମିତ ନ ଥିଲା, ବରଂ ଏହା ଥିଲା ପ୍ରକୃତି ଅନୁକୂଳ ଏକ ସ୍ଥାୟୀ ଜୀବନଶୈଳୀର ମହାନ୍ ଉଦ୍‌ଘୋଷ। ବାପୁ ସଦାବେଳେ ପୁଞ୍ଜିବାଦୀ ଶିଳ୍ପାୟନ ଦୌଡ଼ର ବିରୋଧ କରୁଥିଲେ, ଯାହା ମଣିଷକୁ ପ୍ରକୃତିର ମାଲିକ ସଜାଇ ତା'ର ଶୋଷଣ କରିବାକୁ ପ୍ରୋତ୍ସାହିତ କରେ। ସେ କେବଳ ବିଦେଶୀ ବସ୍ତ୍ର ବର୍ଜନ କରିବାର ଆହ୍ୱାନ ଦେଇ ନ ଥିଲେ, ବରଂ ନିଜ ହାତରେ ଚରଖା ଚଲାଇ ଏବଂ ହାତକଟା ସୂତାରେ ପ୍ରସ୍ତୁତ ବସ୍ତ୍ର ଆପଣେଇ ଏକ ବିକେନ୍ଦ୍ରୀକୃତ, ପରିବେଶ ଅନୁକୂଳ ଏବଂ ସ୍ୱଳ୍ପ ସମ୍ବଳଭିତ୍ତିକ ଅର୍ଥନୀତିର ମୂଳଦୁଆ ପକାଇଥିଲେ। ସେ ମାନବ ଜାତିକୁ ଚେତାଇ ଦେଇ ସେହି ଅମର ବାଣୀ ଶୁଣାଇଥିଲେ, ଯାହା ଆଜିର ପରିବେଶ ବିଜ୍ଞାନର ସବୁଠାରୁ ବଡ଼ ସତ୍ୟ। ସେ କହିଥିଲେ ଯେ ପୃଥିବୀ ପାଖରେ ମଣିଷର ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ତା'ର ଲୋଭ ପୂରଣ କରିବା ପାଇଁ ନୁହେଁ। ଆଜିର ଭୋଗବାଦୀ ସମାଜରେ ମଣିଷର ଅସୀମ ଲୋଭ ଯୋଗୁ ପ୍ରକୃତି ଆଜି କ୍ଷତବିକ୍ଷତ। ପାହାଡ଼ କଟାଚାଲିଛି, ଅରଣ୍ୟ ସଫା ହେଉଛି, କଳକାରଖାନାର ବିଷାକ୍ତ ଧୂଆଁରେ ବାୟୁମଣ୍ଡଳ କଳୁଷିତ ହେଉଛି ଏବଂ ନଦୀଗୁଡ଼ିକ ବର୍ଜ୍ୟବସ୍ତୁର ଭଣ୍ଡାର ପାଲଟିଛନ୍ତି। ଫଳସ୍ୱରୂପ, ଭୂମଣ୍ଡଳୀୟ ଉତ୍ତାପ ବୃଦ୍ଧି, ମରୁଡ଼ି, ଅଦିନିଆ ବନ୍ୟା ଓ ସାମୁଦ୍ରିକ ବାତ୍ୟା ଭଳି ମହାବିପତ୍ତି ମାନବ ସଭ୍ୟତାର ଅସ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ଗାନ୍ଧୀଙ୍କ ନ୍ୟାସିତ୍ୱ ଅବଧାରଣା ଆମକୁ ଏକ ନୂଆ ଦିଗ ଦେଖାଏ। ଏହି ଦର୍ଶନ ଶିଖାଏ ଯେ ମଣିଷ ପ୍ରକୃତି ଓ ଏହି ପୃଥିବୀର ମାଲିକ ନୁହେଁ, ବରଂ ସେ ହେଉଛି ଆଗାମୀ ପିଢ଼ି ପାଇଁ ଏହାର କେବଳ ଜଣେ ରକ୍ଷଣାବେକ୍ଷଣକାରୀ ବା ସଂରକ୍ଷକ। ଆମକୁ ଆମର ଆବଶ୍ୟକତାକୁ ସୀମିତ କରିବାକୁ ହେବ ଏବଂ ପ୍ରକୃତି ସହ କୌଣସି ପ୍ରତିଯୋଗିତା ନ କରି ଶାନ୍ତିପୂର୍ଣ୍ଣ ସହାବସ୍ଥାନର ସୂତ୍ର ଆପଣାଇବାକୁ ପଡ଼ିବ।

ବାପୁଙ୍କର ସ୍ୱଦେଶୀ ଚିନ୍ତାଧାରା ମୂଳତଃ ସ୍ଥାନୀୟ ପରିବେଶ ଓ ସମ୍ବଳର ସୁରକ୍ଷା ଉପରେ ଆଧାରିତ ଥିଲା। ସେ ଚାହୁଁଥିଲେ ବିକାଶର ଧାରା ସହର କୈନ୍ଦ୍ରିକ ନ ହୋଇ ଗ୍ରାମାଭିମୁଖୀ ହେଉ, ଯାହାକୁ ସେ ଗ୍ରାମ ସ୍ୱରାଜ ବୋଲି କହୁଥିଲେ। ଗାଁର କୁଟିର ଶିଳ୍ପ, ପାରମ୍ପରିକ କୃଷି ପ୍ରଣାଳୀ ଏବଂ ହସ୍ତଶିଳ୍ପର ବିକାଶ ଦ୍ୱାରା ବାହ୍ୟ ଜଗତ ଉପରେ ନିର୍ଭରଶୀଳତା କମିବା ସହ ପରିବେଶର ସନ୍ତୁଳନ ରକ୍ଷା ହୋଇପାରିବ। ଆଜିର ଯୁଗରେ ଆମେ ଯେଉଁ ଅଙ୍ଗାରକ ନିର୍ଗମନ କମାଇବା କଥା କହୁଛୁ, ଗାନ୍ଧିଜୀଙ୍କ ସ୍ୱଦେଶୀ ଆନ୍ଦୋଳନ ଥିଲା ତାହାର ସର୍ବଶ୍ରେଷ୍ଠ ଓ ପ୍ରାକୃତିକ ସମାଧାନ। ଆଞ୍ଚଳିକ ସ୍ତରରେ ସାମଗ୍ରୀ ଉତ୍ପାଦନ ଏବଂ ତାହାର ବ୍ୟବହାର ଦ୍ୱାରା ପରିବହନଜନିତ ପ୍ରଦୂଷଣ ହ୍ରାସ ପାଇଥାଏ। ଆଜିର ସ୍ଥାନୀୟ ସାମଗ୍ରୀକୁ ଆଦର କରିବା ଏବଂ ସ୍ଥାୟୀ ବିକାଶର ଯେଉଁ ନାରା ଆମେ ଶୁଣୁଛୁ, ତାହାର ବାସ୍ତବ ପ୍ରେରଣା ହେଉଛନ୍ତି ମହାତ୍ମା ଗାନ୍ଧୀ।

ଗାନ୍ଧିଜୀଙ୍କ ବ୍ୟକ୍ତିଗତ ଜୀବନଶୈଳୀ ପରିବେଶ ସୁରକ୍ଷାର ଏକ ଉଜ୍ଜ୍ୱଳ ନିଦର୍ଶନ ଥିଲା। ସେ ଆଶ୍ରମରେ ରହୁଥିବା ସମୟରେ ଜଳର ପ୍ରତିଟି ବୁନ୍ଦାର ସଂରକ୍ଷଣ ଉପରେ ଜୋର ଦେଉଥିଲେ। ସେ କହୁଥିଲେ ଯେ ନଦୀରେ ଅସୀମ ଜଳ ଥିଲେ ମଧ୍ୟ ଆମକୁ କେବଳ ଆମ ଆବଶ୍ୟକତା ମୁତାବକ ପାଣି ବ୍ୟବହାର କରିବାର ଅଧିକାର ଅଛି, ଅପଚୟ କରିବାର ନୁହେଁ। ବର୍ଜ୍ୟବସ୍ତୁର ପୁନଃବ୍ୟବହାର ଏବଂ ସ୍ୱଚ୍ଛତା ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ସେ ନିଜର ଶୌଚାଳୟ ସଫା କରୁଥିଲେ ଏବଂ ଅଳିଆ ଆବର୍ଜନାରୁ ଜୈବିକ ସାର ପ୍ରସ୍ତୁତ କରିବାକୁ ଆଶ୍ରମବାସୀଙ୍କୁ ଶିଖାଉଥିଲେ। ଏବେ ଦେଶରେ ଚାଲିଥିବା ସ୍ୱଚ୍ଛତା ଅଭିଯାନ ତାଙ୍କରି ପବିତ୍ର ଚିନ୍ତାଧାରାର ଏକ ଆଧୁନିକ ରୂପ। କିନ୍ତୁ ଏହି ସ୍ୱଚ୍ଛତା କେବଳ ରାସ୍ତାଘାଟ ସଫା କରିବା ମଧ୍ୟରେ ସୀମିତ ନୁହେଁ, ଏହା ହେଉଛି ପ୍ରକୃତି ପ୍ରତି ଆମର ଗଭୀର ଦାୟିତ୍ୱବୋଧ।

ସ୍ୱଦେଶୀ ଆନ୍ଦୋଳନର ସେହି ପୁରୁଣା ଚରଖା ଆଜିର ସମୟରେ ଏକ ସବୁଜ ଭବିଷ୍ୟତର ପ୍ରତୀକ ସାଜିଛି। ସୂତା କଟା ଓ ହାତବୁଣା ବସ୍ତ୍ରର ଉତ୍ପାଦନରେ କୌଣସି କୃତ୍ରିମ ରସାୟନ କିମ୍ବା ବଡ଼ ବଡ଼ ଯନ୍ତ୍ରର ବ୍ୟବହାର ହୁଏନାହିଁ, ଯାହା ଫଳରେ ଏହା ସମ୍ପୂର୍ଣ୍ଣ ଭାବେ ପରିବେଶ ଅନୁକୂଳ। ଆଜିର ପୋଷାକ ଶିଳ୍ପରେ ଯେତେବେଳେ କୃତ୍ରିମ ଓ ପ୍ଲାଷ୍ଟିକ୍ ମିଶ୍ରିତ ସୂତା ପରିବେଶ ପାଇଁ ମହାବିପଦ ସୃଷ୍ଟି କରୁଛି, ସେତେବେଳେ ହାତବୁଣା ପ୍ରାକୃତିକ ବସ୍ତ୍ରର ପୁନର୍ଜାଗରଣ ଆମକୁ ସବୁଜ ଜୀବନଶୈଳୀ ଆଡ଼କୁ ଆକର୍ଷିତ କରୁଛି। ଠିକ୍ ସେହିପରି ଗାନ୍ଧିଜୀଙ୍କ କୃଷିଭିତ୍ତିକ ବିଚାର ମଧ୍ୟ ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରେ। ରାସାୟନିକ ସାର ଓ କୀଟନାଶକର ବ୍ୟବହାର ଦ୍ୱାରା ମାଟି ତା'ର ଉର୍ବରତା ହରାଉଥିବା ସମୟରେ, ବାପୁଙ୍କ ଜୈବିକ ସଂରକ୍ଷଣର ନୀତି ହିଁ ମାଟି ମା'କୁ ରକ୍ଷା କରିପାରିବ।

# ସାମ୍ପ୍ରତିକ ଯୁଦ୍ଧର ବଦଳୁଥିବା ସ୍ୱରୂପ ଏବଂ ନିରନ୍ତର ସଂଘର୍ଷ

ହରପ୍ରିୟା ଦଳେଇ

ସମ୍ପ୍ରତି ବିଶ୍ୱରାଜନୀତି ଏବଂ ସାମରିକ ସଂଘର୍ଷ ଏକ ନୂତନ ଓ ଅତ୍ୟନ୍ତ ଜଟିଳ ମୋଡ଼ରେ ପହଞ୍ଚିଛି। ଜାତିସଂଘର ସାଧାରଣ ସଭାର ୮୧ତମ ବାର୍ଷିକ ଅଧିବେଶନର ସମାପ୍ତି ପରେ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ସମଗ୍ର ବିଶ୍ୱ ପାଇଁ ଗଭୀର ଉଦ୍‌ବେଗର ବିଷୟ। ବର୍ତ୍ତମାନ ପୃଥିବୀର ବିଭିନ୍ନ ପ୍ରାନ୍ତରେ, ପ୍ରାୟ ୩୫ଟି ଅଞ୍ଚଳରେ ୬୫ରୁ ଊର୍ଦ୍ଧ୍ୱ ସଂଘର୍ଷ ଜାରି ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କୌଣସି ସମୟରେ ବିଶ୍ୱ ଏତେ ମାତ୍ରାରେ ଅଶାନ୍ତ ଓ ସଂଘାତ ବିକ୍ଷୁବ୍ଧ ହୋଇ ନ ଥିଲା। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତିସଂଘ ମଞ୍ଚରୁ ଇରାନକୁ ସମୂଳ ଧ୍ୱଂସ କରିଦେବାର ଯେଉଁ ଚେତାବନୀ ଦେଇଛନ୍ତି, ତାହା ସାମ୍ପ୍ରତିକ ଯୁଦ୍ଧର ବାସ୍ତବତାକୁ ଉପେକ୍ଷା କରୁଛି। ଆଧୁନିକ ସଂଘର୍ଷରେ କୌଣସି ପକ୍ଷକୁ ସମ୍ପୂର୍ଣ୍ଣ ସମାପ୍ତ କରିବା ସମ୍ଭବ ନୁହେଁ। ଯୁଦ୍ଧ ବିଧ୍ୱଂସକର ହେଲେ ମଧ୍ୟ ବିରୋଧୀ ପକ୍ଷ କୌଣସି ନା କୌଣସି ମାର୍ଗରେ ନିଜକୁ ଜୀବିତ ରଖି ନିରନ୍ତର ପ୍ରତିରୋଧ ଜାରି ରଖୁଛନ୍ତି। ଫଳରେ ରୁଷିଆ-ୟୁକ୍ରେନ କିମ୍ବା ଆମେରିକା-ଇରାନ ମଧ୍ୟରେ ଚାଲିଥିବା ଟକ୍କର ଭଳି ସଂଘର୍ଷଗୁଡ଼ିକ କାଳକ୍ରମେ ଅନିର୍ଣ୍ଣୀତ ଏବଂ ଶେଷହୀନ ରୂପ ନେଉଛି, ଯେଉଁଠାରେ ଜୟ କିମ୍ବା ପରାଜୟର ସୀମାରେଖା ଅସ୍ପଷ୍ଟ ହୋଇପଡୁଛି।

ଏହି ନିରନ୍ତର ଓ ଦୀର୍ଘସ୍ଥାୟୀ ସଂଘର୍ଷର ପରିବେଶକୁ ଦୃଷ୍ଟିରେ ରଖି ଶାନ୍ତିକାମୀ ଦେଶଗୁଡ଼ିକ ମଧ୍ୟ ନିଜର ପ୍ରତିରକ୍ଷା ନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଛନ୍ତି। ଜାପାନ ଭଳି ପାରମ୍ପରିକ ଭାବେ ଯୁଦ୍ଧ-ବିମୁଖ ଦେଶମାନେ ନିଜର ସାମରିକ ପ୍ରସ୍ତୁତି ଓ ଶସ୍ତ୍ରସଜ୍ଜା ବାବଦରେ ବିପୁଳ ପୁଞ୍ଜି ନିବେଶ ଆରମ୍ଭ କଲେଣି। ସାମ୍ପ୍ରତିକ ସମୟରେ ବିଶ୍ୱର ବିଭିନ୍ନ ସାମରିକ ଚିନ୍ତନ ବୈଠକରେ ଯୁଦ୍ଧର ବଦଳୁଥିବା ସ୍ୱରୂପ ସମ୍ପର୍କରେ ଗମ୍ଭୀର ଆଲୋଚନା ହେଉଛି। ଭାରତର ସେନାଧ୍ୟକ୍ଷ ଜେନେରାଲ ଧୀରାଜ ସେଠ ଏକ ସାମରିକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ପ୍ରକାଶ କରିଥିବା ମତ ଏହି ପ୍ରସଙ୍ଗରେ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ସେ ୧୯୭୧ ମସିହାର ୧୩ ଦିନିଆ ଭାରତ-ପାକିସ୍ତାନ ଯୁଦ୍ଧର ସେହି ଅବିସ୍ମରଣୀୟ ଐତିହାସିକ ଦୃଶ୍ୟକୁ ସ୍ମରଣ କରାଇଥିଲେ, ଯେଉଁଥିରେ ପାକିସ୍ତାନୀ ଜେନେରାଲ ନିଆଜି ଭାରତର ଇଷ୍ଟର୍ନ କମାଣ୍ଡର ମୁଖ୍ୟ ଜେନେରାଲ ଜଗଜିତ ସିଂହ ଅରୋଡ଼ାଙ୍କ ସମ୍ମୁଖରେ ଆତ୍ମସମର୍ପଣ ପତ୍ରରେ ଦସ୍ତଖତ କରିଥିଲେ। ଜେନେରାଲ ସେଠଙ୍କ ବକ୍ତବ୍ୟର ସ୍ପଷ୍ଟ ତାତ୍ପର୍ଯ୍ୟ ଥିଲା ଯେ ଭବିଷ୍ୟତରେ ଏଭଳି ସ୍ପଷ୍ଟ, ନିର୍ଦ୍ଦିଷ୍ଟ ଏବଂ ଯୁଗାନ୍ତକାରୀ ଫଳାଫଳ ବିଶିଷ୍ଟ ଯୁଦ୍ଧର ସମ୍ଭାବନା ଅତ୍ୟନ୍ତ କ୍ଷୀଣ।

ଆଧୁନିକ ଯୁଗର ଯୁଦ୍ଧଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସମୃଦ୍ଧ ଶସ୍ତ୍ରସଜ୍ଜା ଦ୍ୱାରା ଲଢ଼ାଯାଉଥିବାରୁ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ଅତ୍ୟନ୍ତ ଭୟାବହ ଓ ବ୍ୟାପକ କ୍ଷତିକାରକ ହେଉଛି। କିନ୍ତୁ ବିଡ଼ମ୍ବନା ହେଉଛି, ଏହି ପ୍ରଯୁକ୍ତି ଯୁଦ୍ଧକୁ ଶୀଘ୍ର ଶେଷ କରିବା ବଦଳରେ ନୂଆ ନୂଆ କୌଶଳ ମାଧ୍ୟମରେ ଦୀର୍ଘାୟିତ କରୁଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ଏହାର ପ୍ରତ୍ୟକ୍ଷ ପ୍ରମାଣ। ଏହିଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦେଶ ପାଇଁ ପ୍ରତିରକ୍ଷା କ୍ଷେତ୍ରରେ ତିନୋଟି ମୁଖ୍ୟ ଲକ୍ଷ୍ୟ ହାସଲ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ସେଗୁଡ଼ିକ ହେଲା-ଉନ୍ନତ ବୈଷୟିକ ଜ୍ଞାନକୌଶଳ ଆଧାରରେ ସାମରିକ ସରଞ୍ଜାମ ନିର୍ମାଣରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା, ସ୍ୱଦେଶୀ ସ୍ତରରେ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବା ଏବଂ ଆଧୁନିକ ଯୁଦ୍ଧକୌଶଳରେ ପ୍ରଶିକ୍ଷିତ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା।

ଏହି ବାସ୍ତବତା ଆଗରେ ଭାରତର ବର୍ତ୍ତମାନର ସାମରିକ ସ୍ଥିତିକୁ ସମୀକ୍ଷା କଲେ ଅନେକ ଅଭାବ ଓ ଆହ୍ୱାନ ସାମ୍ନାକୁ ଆସେ। ଭାରତର ପ୍ରତିରକ୍ଷା ବ୍ୟବସ୍ଥା ଆଜି ବି ବିଦେଶୀ ପ୍ରଯୁକ୍ତି ଉପରେ ବହୁମାତ୍ରାରେ ନିର୍ଭରଶୀଳ। ଦେଶର ସାମରିକ ସରଞ୍ଜାମର ପ୍ରାୟ ଷାଠିଏ ରୁ ଅଶୀ ପ୍ରତିଶତ ଅଂଶ ବିଦେଶରୁ, ବିଶେଷ କରି ରୁଷିଆରୁ ଆହୃତ କିମ୍ବା ତାଙ୍କର ଜ୍ଞାନକୌଶଳରେ ନିର୍ମିତ। ଭାରତୀୟ ବିମାନବାହିନୀର ମୁଖ୍ୟ ଶକ୍ତି ସାଜିଥିବା ରାଫେଲ୍ ଓ ସୁଖୋଇ ଭଳି ଅଗ୍ରଣୀ ଯୁଦ୍ଧବିମାନଗୁଡ଼ିକ ଫରାସୀ ଓ ରୁଷୀୟ ପ୍ରଯୁକ୍ତି ଉପରେ ଆଧାରିତ। ନିଜସ୍ୱ ଯୁଦ୍ଧବିମାନ ଇଞ୍ଜିନ୍ ବିକଶିତ କରିବା ପାଇଁ ଅଶୀ ଦଶକରୁ କାବେରୀ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ସୁଦ୍ଧା ଆମେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ୱଦେଶୀ ଜେଟ୍ ଇଞ୍ଜିନ୍ ପ୍ରସ୍ତୁତ କରିବାରେ ସଫଳ ହୋଇନାହୁଁ। ଯଦିଓ ନିକଟରେ ବେସରକାରୀ ସଂସ୍ଥା ଏବଂ ବିଦେଶୀ ପ୍ରତିରକ୍ଷା କମ୍ପାନୀଗୁଡ଼ିକର ମିଳିତ ଉଦ୍ୟମରେ ଏହି ଦିଗରେ ନୂତନ ପ୍ରଚେଷ୍ଟା ଆରମ୍ଭ ହୋଇଛି, ତଥାପି ଆମକୁ ଆହୁରି ଅନେକ ବାଟ ଯିବାକୁ ବାକି ଅଛି।

ଅନ୍ୟପକ୍ଷରେ, ତୁର୍କୀ କିମ୍ବା ୟୁକ୍ରେନ ଭଳି ଛୋଟ ଦେଶଗୁଡ଼ିକ ଆଜି ଡ୍ରୋନ୍ ନିର୍ମାଣ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି, ସେଥିରେ ଭାରତ ଯଥେଷ୍ଟ ପଛରେ ରହିଛି। ୟୁକ୍ରେନ ଓ ତୁର୍କୀରେ ଡ୍ରୋନ ଉତ୍ପାଦନ ଏକ କୁଟୀର ଶିଳ୍ପର ରୂପ ନେଇସାରିଛି, ଯେଉଁଠାରେ ସାଧାରଣ ଘରୋଇ ସ୍ତରରେ ମଧ୍ୟ ସାମରିକ ଉପଯୋଗୀ ଡ୍ରୋନ୍ ସମ୍ଭବ ହୋଇପାରୁଛି। ଯୁଦ୍ଧର ଭବିଷ୍ୟତ ରୂପରେଖକୁ ବଦଳାଇବାରେ ୟୁକ୍ରେନର ଏହି ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଭାରତ ସମେତ ବିଶ୍ୱର ସମସ୍ତ ଦେଶ ପାଇଁ ଏକ ବଡ଼ ସାମରିକ ଶିକ୍ଷା।

ବର୍ତ୍ତମାନର ସଂଘର୍ଷଗୁଡ଼ିକ ଏହା ପ୍ରମାଣିତ କରିଦେଇଛି ଯେ କୌଣସି ଦେଶର ପରମାଣୁ ଅସ୍ତ୍ର ସାମର୍ଥ୍ୟ କେବଳ ପ୍ରତିପକ୍ଷକୁ ଧମକାଇବା କିମ୍ବା ପ୍ରତିରୋଧ ସୃଷ୍ଟି କରିବା ପାଇଁ ଉପଯୁକ୍ତ, କିନ୍ତୁ ପ୍ରତ୍ୟକ୍ଷ ଯୁଦ୍ଧରେ ଏହାର ବ୍ୟବହାର ଅତ୍ୟନ୍ତ ଅବାସ୍ତବ। ୟୁକ୍ରେନ ଦ୍ୱାରା ରୁଷିଆ ଅନେକ ସାମରିକ କ୍ଷତି ସହିଥିଲେ ମଧ୍ୟ ଆଣବିକ ଅସ୍ତ୍ରର ବ୍ୟବହାର କେବଳ କଥାକଟାକଟି ଓ ଚେତାବନୀ ମଧ୍ୟରେ ସୀମିତ ରହିଛି। ଏଭଳି ସ୍ଥିତିରେ ଅତ୍ୟାଧୁନିକ, ବ୍ୟୟବହୁଳ କ୍ଷେପଣାସ୍ତ୍ର କିମ୍ବା ବିମାନ ଅପେକ୍ଷା ଶସ୍ତା, ପ୍ରଭାବଶାଳୀ ଏବଂ ବିପୁଳ ସଂଖ୍ୟାରେ ଉତ୍ପାଦନ କରାଯାଇପାରୁଥିବା ଡ୍ରୋନ୍ ଓ ରକେଟ୍ ଭଳି ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ଯଥେଷ୍ଟ ବୃଦ୍ଧି ପାଇଛି।

ଇରାନ ଦ୍ୱାରା ବ୍ୟବହୃତ ଶସ୍ତା ରକେଟ୍ ଏବଂ ଡ୍ରୋନ୍ ଗୁଡ଼ିକ ଏକକାଳୀନ ଶହ ଶହ ସଂଖ୍ୟାରେ ଆକାଶମାର୍ଗରେ ପ୍ରବେଶ କରି ଇସ୍ରାଏଲର 'ଆଇରନ୍ ଡୋମ୍' କିମ୍ବା ରୁଷିଆର ଅତ୍ୟାଧୁନିକ ପ୍ରତିରକ୍ଷା ବଳୟ ପାଇଁ ଗୁରୁତର ଆହ୍ୱାନ ସୃଷ୍ଟି କରିପାରିଛନ୍ତି। ଆର୍ଥିକ ଦୃଷ୍ଟିରୁ ଏହା ପ୍ରତିପକ୍ଷ ପାଇଁ ଅତ୍ୟନ୍ତ କ୍ଷତିକାରକ। ଇରାନର ମାତ୍ର ତିନିଶହ ଡଲାର ମୂଲ୍ୟର ଗୋଟିଏ ରକେଟକୁ ନଷ୍ଟ କରିବା ପାଇଁ ଇସ୍ରାଏଲକୁ ନିଜର ପ୍ରତିରକ୍ଷା ବ୍ୟବସ୍ଥାରୁ ପଚାଶ ହଜାରରୁ ଏକ ଲକ୍ଷ ଡଲାର ମୂଲ୍ୟର କ୍ଷେପଣାସ୍ତ୍ର ନିକ୍ଷେପ କରିବାକୁ ପଡୁଛି। ଏହି ପରିସଂଖ୍ୟାନରୁ ଆଧୁନିକ ଯୁଦ୍ଧର ଆର୍ଥିକ ବୋଝ ସ୍ପଷ୍ଟ ବାରିହୋଇପଡ଼େ।

ସାମ୍ପ୍ରତିକ ସାମରିକ କୌଶଳ ହେଉଛି ଘରୋଇ ଓ ବେସରକାରୀ ଉଦ୍ୟୋଗଗୁଡ଼ିକୁ ସାମରିକ ଉତ୍ପାଦନ ସହ ଯୋଡ଼ି ବିପୁଳ ଅସ୍ତ୍ରଭଣ୍ଡାର ସୃଷ୍ଟି କରିବା। ଜରୁରୀକାଳୀନ ସ୍ଥିତିରେ ଯେପରି ଯେକୌଣସି ଶିଳ୍ପାନୁଷ୍ଠାନ ତୁରନ୍ତ ସାମରିକ ସରଞ୍ଜାମ ନିର୍ମାଣରେ ନିୟୋଜିତ ହୋଇପାରିବ, ସେହିଭଳି ଆଭ୍ୟନ୍ତରୀଣ ସାମର୍ଥ୍ୟ ବିକଶିତ କରିବାକୁ ପଡ଼ିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ଅନେକ ବେସରକାରୀ ଗାଡ଼ି ନିର୍ମାତା କମ୍ପାନୀ ନିଜର ବ୍ୟବସାୟିକ ଉତ୍ପାଦନ ବନ୍ଦ କରି ଯୁଦ୍ଧବିମାନ ଓ ସାମରିକ ଯାନ ନିର୍ମାଣରେ ଲାଗିପଡ଼ିଥିଲେ। ଭାରତ ପାଇଁ ମଧ୍ୟ ଏହି ମଡେଲ୍ ଆପଣାଇବା ଜରୁରୀ ହୋଇପଡ଼ିଛି। ବ୍ୟୟବହୁଳ ଓ ଉଚ୍ଚାଭିଳାଷୀ ପ୍ରକଳ୍ପ ସହିତ ଡ୍ରୋନ୍, ରକେଟ୍ ଏବଂ ରୋବୋଟ୍ ସୈନିକ ଭଳି ଆଧୁନିକ ଓ ସ୍ୱଳ୍ପ ବ୍ୟୟସାପେକ୍ଷ ଉପକରଣ ନିର୍ମାଣରେ ଆମକୁ ଅଧିକ ମନୋନିବେଶ କରିବାକୁ ହେବ।

ଭାରତ ଭୌଗୋଳିକ ଭାବେ ଆହ୍ୱାନପୂର୍ଣ୍ଣ ଓ ଚ୍ୟାଲେଞ୍ଜପୂର୍ଣ୍ଣ ପଡ଼ୋଶୀମାନଙ୍କ ଦ୍ୱାରା ଘେରି ହୋଇ ରହିଛି। ଯଦି ଅନିଚ୍ଛା ସତ୍ତ୍ୱେ ଭାରତକୁ କୌଣସି ଦୀର୍ଘସ୍ଥାୟୀ ସଂଘର୍ଷର ସାମ୍ନା କରିବାକୁ ପଡ଼େ, ତେବେ ସେଥିପାଇଁ ଆମର ଭୌତିକ, ସାମରିକ ଏବଂ ମାନସିକ ପ୍ରସ୍ତୁତି ସୁଦୃଢ଼ ରହିବା ଆବଶ୍ୟକ। ମହାନ ଇଂରେଜୀ କବି ମିଲ୍‌ଟନ୍‌ଙ୍କ ପ୍ରସିଦ୍ଧ କାବ୍ୟ 'ପାରାଡାଇଜ୍ ଲଷ୍ଟ'ର ସେହି ଆପ୍ତବାକ୍ୟ ଆଜିର ଯୁଦ୍ଧକ୍ଷେତ୍ରରେ ସତ୍ୟ ପ୍ରମାଣିତ ହେଉଛି- ଗୋଟିଏ ସଂଘର୍ଷରେ ପରାଜୟର ଅର୍ଥ ସମ୍ପୂର୍ଣ୍ଣ ଯୁଦ୍ଧରେ ପରାଜୟ ନୁହେଁ। ଏହି ଆଭିମୁଖ୍ୟ ଯୋଗୁଁ ଆଜି ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସଂଘର୍ଷ ସମାପ୍ତ ହେବା ବଦଳରେ ଅସରନ୍ତି ରୂପ ନେଉଛି। ତେଣୁ ଶତ୍ରୁକୁ କେବଳ ମୁହାମୁହିଁ ଯୁଦ୍ଧରେ ନୁହେଁ, ବରଂ ନିରନ୍ତର ସଂଘର୍ଷ ଓ ସ୍ୱଦେଶୀ ସାମରିକ ପ୍ରଯୁକ୍ତିର ବଳରେ ପରାସ୍ତ କରିବା ପାଇଁ ଭାରତକୁ ପ୍ରସ୍ତୁତ ରହିବାକୁ ହେବ।

ଜାତୀୟ ଚେତନା
JATIYA CHETANA



## ନିଆରା ଢଙ୍ଗରେ ଗାନ୍ଧୀ ଜୟନ୍ତୀ ପାଳନ

# ଦୟାନଦୀ ପଦଯାତ୍ରା ମାଧ୍ୟମରେ ନଦୀର ସୁରକ୍ଷା ପାଇଁ ଦେଲେ ବାର୍ତ୍ତା




ଭୁବନେଶ୍ୱର, (ଜା.ପ୍ର): ଗାନ୍ଧୀ ଜୟନ୍ତୀ ଅବସରରେ ଦୟା ନଦୀ ପଦ ଯାତ୍ରା ଆଜି ଲିଙ୍ଗୀପୁର୍ ଛକ ଠାରୁ କୁଆଖିଆ, ଦୟା ଓ ଭାର୍ଗବୀ ମିଳନ ସ୍ଥଳ ପର୍ଯ୍ୟନ୍ତ ଆୟୋଜିତ ହୋଇଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନ, ଦୟା ସୁରକ୍ଷା ଅଭିଯାନ, କଳିଙ୍ଗ ସଂସ୍କୃତି ଓ ଐତିହ ସୁରକ୍ଷା ଆସୋସିଏସନ୍, ଟ୍ରାଭେଲ ଏଜେଣ୍ଟ ଆସୋସିଏସନ୍ ଅଫ ଇଣ୍ଡିଆ ର ମିଳିତ ଆନୁକୂଲ୍ୟରେ ଏହି ନଦୀ ପଦଯାତ୍ରା ଲିଙ୍ଗିପୂର୍ ଠାରୁ ବକ୍ଷଙ୍କୁଆଳ ପର୍ଯ୍ୟନ୍ତ ଯାତ୍ରା କରି ଥିଲା ଅପରାହ୍ନ ୪ ଘଟିକା ସମୟରେ।

ମହାନଦୀ ତଥା ଏହାର ଶାଖା ନଦୀ ଦାୟର ସୁରକ୍ଷା ପାଇଁ ଏହି ନଦୀ ପଦଯାତ୍ରା ଆୟୋଜିତ ହୋଇଥିଲା କ୍ଷ ସମ୍ପ୍ରତି ଖରାଦିନେ ଦୟାନଦୀ ଅବସ୍ଥା ଶୋଚନୀୟ ହୋଇଯାଏ। ଏଥିରେ ଆଗ ଭଳି ଆଉ ପାଣି ରହେନାହିଁ କ୍ଷ ଭୁବନେଶ୍ୱର ସମସ୍ତ ମଇଳା ଓ ଆବର୍ଜନାକୁ ନେଇ ଗଙ୍ଗୁଆ ଦୟା ନଦୀରେ ନିକ୍ଷେପ କରିବା ଯୋଗୁଁ ଦୟା ପ୍ରବଳ ଭାବରେ ପ୍ରଦୂଷିତ ହୁଏ। ଲୋକମାନେ ମଧ୍ୟ ନଦୀ ଭିତରକୁ ଅଳିଆ ଆବର୍ଜନା ନିକ୍ଷେପ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ।

ନଦୀ ହେଉଛି ସମାଜ ଓ ଜୀବଜଗତର ଜୀବନରେଖା କ୍ଷ ଏହାର ସୁରକ୍ଷା ଉପରେ ନିର୍ଭର କରେ ପ୍ରତ୍ୟେକଟି ଜୀବନ କ୍ଷ ତେଣୁ ଏହାର ସୁରକ୍ଷା ପାଇଁ ସମସ୍ତେ ଚେଷ୍ଟା କରିବା ଜରୁରୀ।

ଏହି ବାର୍ତ୍ତା ଦେବା ପାଇଁ ଆଜି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଏହି ନଦୀ ପଦଯାତ୍ରା ଆୟୋଜିତ ହୋଇଥିଲା କ୍ଷ ଏଥିରେ ବିଶିଷ୍ଟ ସମାଜସେବୀ ତଥା କୋପୋକର ସଭାପତି ସଂଗ୍ରାମ ପାଇକରାୟ, ଦୟା ସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ଗିରିଜା ଶଙ୍କର ଦାଶଙ୍କ ସମେତ ଟି ଓ ଏ ଆଇ ର ଅନେକ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ। ଏହି ପଦଯାତ୍ରା କାର୍ଯ୍ୟକ୍ରମ ଲିଂଗିପୁର ୟୁଥ ଗ୍ରୁପର ସଦସ୍ୟ ବିଜୟ ସାମନ୍ତରାୟ, ଦୁର୍ଗାମାଧବ ଦାଶ, ଦିଲ୍ଲୀପ ସାମନ୍ତରାୟ, ରାଜେଶ ମହାନ୍ତି, ଅଶୋକ ଓଝା, ବିଜୟ ସାହୁ, କ୍ଷେତ୍ରମୋହନ ରାଉତ, ଅରୁଣ ସେଠି, ଅଭିଷେକ ସାମନ୍ତରାୟ, ନୀତିଶ ସାମନ୍ତରାୟ, ଶୁଭମ ପଣ୍ଡା, ଅଜୟ ଓଝା, ଅଶୋକ ହରି, ଦୀନେଶ ନାୟକ ଓ ବାମଦେବ ଗଜେନ୍ଦ୍ରଙ୍କ ସକ୍ରିୟ ସହଯୋଗରେ ସମ୍ପନ୍ନ ହୋଇଥିଲା।

# ଗୁରୁଜୀ ମହେଶ୍ୱର ମଲ୍ଲଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର,(ଜା.ପ୍ର): ନୀତିନିଷ୍ଠ ପ୍ରଧାନ ଶିକ୍ଷକ ମହେଶ୍ୱର ମଲ୍ଲଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକ ଉତ୍ସବ ମହେଶ୍ୱର ମଲ୍ଲ ହାଇସ୍କୁଲ୍ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ମହେଶ୍ୱର ଗୁରୁଜୀ ବାନର ସେନାରେ ଯୋଗଦାନ କରି ବରୀ ଅଞ୍ଚଳରେ ଆନ୍ଦୋଳନର ବାର୍ତ୍ତା ପ୍ରଦାନ କରୁଥିଲେ । ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସମାପ୍ତି ପରେ ୧୯୫୨ ମସିହାରେ ଦ୍ୱାଦଶ ଶ୍ରେଣୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଏକ ସମାବର୍ତ୍ତନ ଉତ୍ସବରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁଙ୍କ ଠାରୁ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଢେଙ୍କାନାଳସ୍ଥ ବାଜି ରାଉତ ଛାତ୍ରାବାସରୁ ଶିକ୍ଷକତା ଜୀବନ ଆରମ୍ଭ କରି ଅବସର ପରେ ୯୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ । ଆଜିର ଏହି ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥି ଦେବପ୍ରସାଦ ସାମଲ, ମୁଖ୍ୟବକ୍ତା ଡ. ନୃସିଂହ ଚରଣ ବେହେରା, ଗଗନ ବିହାରୀ ଜେନା, କର୍ଣ୍ଣଚନ୍ଦ୍ର ଘଡ଼ାଇ, ପ୍ରଭାସ ଚନ୍ଦ୍ର ଦାସ, କପିଳଚରଣ ସାମଲ, ଉତ୍ସବାନନ୍ଦ ରାଉତ, ହରିଶ୍ଚନ୍ଦ୍ର ଦାସ, ବାବାଜୀ ଚରଣ ଦାସ, ସି.ଆର.ସି.ସି. ଅଜୟ ସାମଲ, କୈଳାସ ଦାସ, ପ୍ରଫୁଲ୍ଲ ଓଝା, ଖଗେଶ୍ୱର ନାୟକ, ମୂରଲୀ ଘଡ଼େଇ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରମୋଦ କୁମାର ଦାସ ଅତିଥିମାନଙ୍କ



ପରିଚୟ, ସ୍ମୃତି କମିଟିର ସମ୍ପାଦକ ଅନିରୁଦ୍ଧ ମଲ୍ଲ ସ୍ୱାଗତ ଭାଷଣ ଓ ରାଜକିଶୋର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରୁ ଉତ୍ତୀର୍ଣ୍ଣ କୃତି ପ୍ରତିଯୋଗୀଙ୍କୁ ରାଜ୍ୟ କର୍ମଚାରୀ ସଂଘ ସଭାପତି ବିଜୟ ମଲ୍ଲ ପୁରସ୍କୃତ କରିଥିଲେ।

# ଆଜି ରାଜ୍ୟସ୍ତରୀୟ ପ୍ରାଣନାଥ ସ୍ମୃତି ସନ୍ଧ୍ୟା

ଭୁବନେଶ୍ୱର,(ଜା.ପ୍ର): ଭୁବନେଶ୍ୱରର ଜୟଦେବ ଭବନ (ସୂଚନା ଭବନ)ଠାରେ ରାଜ୍ୟସ୍ତରୀୟ ପ୍ରାଣନାଥ ସ୍ମୃତି ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ଆୟୋଜିତ ହେବ। ସ୍ୱାଧୀନତା ସଂଗ୍ରାମରେ ଦଶଥର ବନ୍ଦୀ ଜୀବନ ବିତାଙ୍କବଷ୍ମଷସଭଶଥିବା ଦୁର୍ବାର ଯୋଦ୍ଧା, ସମାଜବାଦ ଓ ସାମ୍ୟବାଦର ଅନ୍ୟତମ ଅଗ୍ରଦୂତ, କୃଷକ ଆନ୍ଦୋଳନର ଆଦ୍ୟ ପୁରୋଧା, ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନର ନେତା, ଶିକ୍ଷା ପ୍ରସାରରେ ଅଗ୍ରଣୀ ଶିକ୍ଷାବିତ୍, ସାହିତ୍ୟିକ, ବିଧାୟକ ତଥା ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୪୭ ତମ ରାଜ୍ୟସ୍ତରୀୟ ସ୍ମୃତିସଭା ଓ 'ପ୍ରାଣନାଥ ସମ୍ମାନ-୨୦୨୬' ପ୍ରଦାନ ଉତ୍ସବ ଆୟୋଜନ କରାଯାଉଛି। ରାଜ୍ୟ ପ୍ରାଣନାଥ ସ୍ମୃତି ସମିତିର ସଭାପତି ଡକ୍ଟର ଅର୍ଚ୍ଚନା ନାୟକ ଓ ସମ୍ପାଦକ ଦିଲ୍ଲୀପ ହାଲି ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ଉପସ୍ଥିତି କାମନା କରିଛନ୍ତି। ଏହି ଉତ୍ସବରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଓ ଉଦ୍ ?ଘାଟକ ଭାବେ ଯୋଗଦେବେ। ଓଡ଼ିଶାର ମାନ୍ୟବର ଆଇନଜୀବୀ ପ୍ରଧାନ (ଆଡଭୋକେଟ୍ ଜେନେରାଲ) ପୀତାମ୍ବର ଆଚାର୍ଯ୍ୟ ବରେଣ୍ୟ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଆମ ଓଡ଼ିଶା ଓ 'ସମ୍ବାଦ'ର ପ୍ରତିଷ୍ଠାତା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ବକ୍ତବ୍ୟ ରଖିବେ। ନୂଆଦିଲ୍ଲୀର ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଳବ୍ୟ ଏହି ସଭାରେ ସଭାପତିତ୍ୱ କରିବେ। ଏହି ଅବସରରେ ଭିନ୍ନ ଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୬'ରେ ସମ୍ବର୍ଦ୍ଧିତ କରାଯିବ। ଐତିହାସିକ ଓ ଗବେଷକ ପ୍ରଫେସର ବସନ୍ତ କୁମାର ମଲ୍ଲିକ, ନାଟ୍ୟକାର ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଗୋପୀନାଥ ବାରିକ, ଶିକ୍ଷାବିତ୍ ଡକ୍ଟର ବିନ୍ଦୁଶ୍ରୀ ମିଶ୍ର, ଲୋକପ୍ରିୟ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ଲେଖିକା ଓ ଅନୁବାଦିକା ରତ୍ନମାଳା ସ୍ୱାଇଁଙ୍କୁ ଏହି ପ୍ରାଣନାଥ ସମ୍ମାନରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି।




# କାବ୍ୟପ୍ରିୟା ଧଳଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ

ଭୁବନେଶ୍ୱର,(ଜା.ପ୍ର): ବିଶିଷ୍ଟ ସମାଜସେବୀ କାବ୍ୟପ୍ରିୟା ଧଳଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟର ଅଫ୍ ଫିଲୋସଫି (ପିଏଚ୍‌ଡି) ଡିଗ୍ରୀ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ଡିଗ୍ରୀ ପ୍ରଦାନ କରିଛନ୍ତି। 'ସମକାଳୀନ ଭାରତରେ ସମାବେଶୀ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ମାନବ ବିକାଶର ଏକ ତୁଳନାତ୍ମକ ଅଧ୍ୟୟନ' ଉପରେ ଗବେଷଣା କରି ଶ୍ରୀମତୀ ଧଳ ଏହି ସଫଳତା ହାସଲ କରିଛନ୍ତି। ସେ ନିଜ ଅଧ୍ୟୟନରେ ଶିକ୍ଷା, ସାମାଜିକ ପରିବର୍ତ୍ତନ ଏବଂ ମାନବ ବିକାଶର ବିଭିନ୍ନ ପ୍ରମୁଖ ଦିଗକୁ ସ୍ଥାନିତ କରିଛନ୍ତି। ଏହି ଗବେଷଣା ଯାତ୍ରାରେ ସହଯୋଗ, ମାର୍ଗଦର୍ଶନ ଓ ଉତ୍ସାହ ପ୍ରଦାନ କରିଥିବାରୁ ଶ୍ରୀମତୀ ଧଳ ନିଜ ଗୁରୁ, ପରିବାରବର୍ଗ ଏବଂ ଶୁଭେଚ୍ଛୁମାନଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

ପିଏଚଡି ଗ୍ରହଣ କଲା ପରେ କାବ୍ୟା ପ୍ରିୟା ଧଳ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ସତ କହିବାକୁ ଗଲେ, ପିଏଚଡି ଡିଗ୍ରୀ ପାଇଥିବାରୁ ମୁଁ ଯେତିକି ଖୁସି ନୁହେଁ, ତା'ଠାରୁ ଅଧିକ ଖୁସି ଏହି କଥା ପାଇଁ ଯେ, ମାନନୀୟ ପ୍ରତିଷ୍ଠାତା ସାର୍ ଡ. ଅଚ୍ୟୁତ ସାମନ୍ତଙ୍କୁ ମୋର ମାର୍ଗଦର୍ଶକ ଭାବେ ପାଇବାର ସୌଭାଗ୍ୟ ମୋତେ ମିଳିଛି।

ପ୍ରତିଷ୍ଠାତା ସାର୍‌ଙ୍କୁ ମୋର ମାର୍ଗଦର୍ଶକ ଭାବେ ପାଇବା ମୋର ଶିକ୍ଷାଜୀବନର ଅନ୍ୟତମ ଶ୍ରେଷ୍ଠ ଆଶୀର୍ବାଦ। ତାଙ୍କର ଦୂରଦୃଷ୍ଟି, ନମ୍ରତା, ଜ୍ଞାନ ଓ ନିରନ୍ତର ଉତ୍ସାହବର୍ଦ୍ଧନ ମୋତେ ଗବେଷଣାର



ସୀମାଠାରୁ ବହୁ ଦୂରରେ ଅନେକ ମୂଲ୍ୟବାନ ଶିକ୍ଷା ଦେଇଛି। ମୋର ସହ-ମାର୍ଗଦର୍ଶକ, ପ୍ରଫେସର ଶରଣଜିତ ସିଂହ, ଉପକୁଳପତିଙ୍କ ପ୍ରତି ମଧ୍ୟ ମୁଁ ସମାନ ଭାବରେ କୃତଜ୍ଞ। ଏହି ସମଗ୍ର ଯାତ୍ରାରେ ତାଙ୍କର ଅମୂଲ୍ୟ ମାର୍ଗଦର୍ଶନ, ସହଯୋଗ ଓ ଉତ୍ସାହବର୍ଦ୍ଧନ ପାଇଁ ମୁଁ ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି।ଏହି ପିଏଚଡି ହୁଏତ ମୋ ନାମ ବହନ କରୁଛି, କିନ୍ତୁ ଏହାର ଯାତ୍ରାରେ ଦୁଇଜଣ ଅସାଧାରଣ ମାର୍ଗଦର୍ଶକଙ୍କ ଆଶୀର୍ବାଦ, ମାର୍ଗଦର୍ଶନ ଓ ପ୍ରେରଣା ରହିଛି।

ମୁଁ ଏହି ସଫଳତାକୁ ସବୁବେଳେ ସ୍ମରଣୀୟ କରି ରଖିବି- କେବଳ ଏଥିପାଇଁ ନୁହେଁ ଯେ ମୁଁ ଏକ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଛି, ବରଂ ଏଥିପାଇଁ ଯେ ଏପରି ପ୍ରେରଣାଦାୟକ ନେତୃତ୍ୱଙ୍କ ଅଧୀନରେ ଶିଖିବାର ସୌଭାଗ୍ୟ ମୋତେ ମିଳିଛି। ଆଜି ମୋ ସହିତ ଯେଉଁ ସମସ୍ତ ସହକର୍ମୀ ଡକ୍ଟରେଟ୍ ଡିଗ୍ରୀ ଗ୍ରହଣ କରିଛନ୍ତି, ସେମାନଙ୍କୁ ଏବଂ ସେମାନଙ୍କର ମାର୍ଗଦର୍ଶକ ଓ ସହ-ମାର୍ଗଦର୍ଶକମାନଙ୍କୁ ମଧ୍ୟ ମୁଁ ହୃଦୟରୁ ଧନ୍ୟବାଦ ଜଣାଉଛି।

ମୁଁ ଏହି ପିଏଚଡି କୁ ଭଗବାନ ଏବଂ ସମଗ୍ର ଓଡ଼ିଶାବାସୀଙ୍କୁ ସମର୍ପିତ କରୁଛି, ଏବଂ ମୋର ଜ୍ଞାନ ଓ ଶିକ୍ଷାକୁ ସମାଜର ଉନ୍ନତି ପାଇଁ ବ୍ୟବହାର କରିବାର ଏକ ନମ୍ର ପ୍ରତିଜ୍ଞା କରୁଛି।

ମୁଁ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆବଶ୍ୟକତାରେ ଥିବା ଲୋକମାନଙ୍କର ସଶକ୍ତୀକରଣ ପାଇଁ ଅବଦାନ ରଖିବାକୁ ପ୍ରତିଜ୍ଞା କରୁଛି- ବିଶେଷକରି ଅନାଥ, ଗରିବ ଓ ବଞ୍ଚିତ ଲୋକମାନଙ୍କ ପାଇଁ, ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ। ଏହି ପିଏଚଡି କେବଳ ଏକ ଡିଗ୍ରୀ ହୋଇ ନ ରହୁ, ବରଂ ସମାଜର ସେବା, ସଶକ୍ତୀକରଣ ଏବଂ ସମାଜକୁ ଫେରାଇ ଦେବାର ଏକ ଦାୟିତ୍ୱରେ ପରିଣତ ହେଉଏହା ହିଁ ମୋର ପ୍ରାର୍ଥନା।



# ଜୀବନ ଗୀତ

ବାପଘରେ ଭଉଣୀମାନେ ଏକାଠି ହୋଇଥାନ୍ତି। କଥା ପ୍ରସଙ୍ଗରେ ବଡ଼ଭଉଣୀ ଯେମିତି କହିଛି- 'ଜାଣିଛ ସବୁ, ତୁମ ବଡ଼ ଭିଣୋଇଙ୍କ ପସନ୍ଦର ଜୀବନ ଗୀତଟି ହେଲା: 'ଛି ଛି ରେ ନନି ଛି...'

ସେଇଠୁ ତା' ତଳ ନାନୀ କହୁଥିଲା- 'ମୋ ଜୀବନ ଗୀତ ହେଲା, କେମିତି ପଞ୍ଚତାରକା ହୋଟେଲଟିଏ ସମ୍ପୂର୍ଣ୍ଣ ହେବ ମୋ ସ୍ୱାମୀଙ୍କର।'

ଏଥର ତା' ତଳକୁ ତଳ ଭଉଣୀମାନଙ୍କ ଭିତରୁ ଜଣେ କହୁଥିଲା- 'ହୀରାର ରାଣୀ ହାରଟିଏ ମୋ ଜୀବନ ଗୀତ', ତ ଅନ୍ୟ ଜଣେ କହୁଥିଲା- 'ମର୍ସିଡିଜ୍ ଗାଡ଼ି।' ସବା ସାନ ଭଉଣୀ କହୁଥିଲା- 'ମୋ ପୁଅ କେମିତି ଡାକ୍ତର ହେବ, ସେଇଆ ମୋ ଜୀବନ ଗୀତ।'

ଟିକେ ଦୂରରେ ଥାଇ ପାଞ୍ଚ ଭଉଣୀଙ୍କର ଏକମାତ୍ର ପୁତୁରା ଶିବୁ କହୁଥିଲା- 'ନାନୀମାନେ! ତୁମ ଜୀବନ ଗୀତ ଯାହା ହେଉନା କାହିଁକି, ତୁମେ ସବୁ ସତ କହିବାକୁ ଡରିନାହଁ। 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି...' ନ୍ୟାୟରେ ସମସ୍ତେ ସତ କହିଥିବାରୁ ତୁମମାନଙ୍କୁ ଧନ୍ୟବାଦ। କାରଣ ମୋ ଜୀବନର ଗୀତ ହେଲା ସେଇଆ- 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି...।'

ଏତିକି ବେଳେ ଭାଇ ସୁଶୀଲ ବିଷଣ୍ଣ ବଦନରେ ପହଞ୍ଚିଲେ। ତାଙ୍କୁ ଯେତେବେଳେ ପଚରାଗଲା- 'ତୋ ଜୀବନର ଗୀତ କ'ଣ କିରେ ସୁଶୀଲ? ପୁଅକୁ ତ ଭଲ ଶିକ୍ଷା ଦେଇଛୁ ଯେ, ସେ କହୁଛି ତା' ଜୀବନର ଗୀତ ହେଲା 'ସତ କହିବାକୁ କିଆଁ ଡରିବି...'। ତୁ କେଡ଼େ ଭାଗ୍ୟ କରିଥିଲୁ ବୋଲି ତୋ ପୁଅ ଏମିତି କହୁଛି! ଏହା ଶୁଣି ଆମେ ପାଞ୍ଚ ଭଉଣୀ ଖୁବ୍ ଖୁସି।'

ସୁଶୀଲ କହୁଥିଲା- 'ହଁ ଯେ ନାନୀ, ଏଇ ଷ୍ଟାଡିୟମ୍ କାମଟା ହାତକୁ ନେଇ ସାରିପାରୁନଥିବାରୁ ମୋତେ ଏଥର ମାନ-ସମ୍ମାନ ହରେଇବାକୁ ପଡ଼ିବ।'

ବଡ଼ନାନୀ ତା' ସ୍ୱାଭାବିକ ଢଙ୍ଗରେ କହୁଥିଲା- 'କାହିଁ, ବଡ଼ ଭିଣୋଇଙ୍କୁ କହୁନୁ? ମିସ୍ତ୍ରୀ ବୁଝିଦେବେ ଯେ ଅଧାଗଢ଼ା ଷ୍ଟାଡିୟମ୍ କାମଟା ବେଳ ଥାଉ ଥାଉ ସମ୍ପୂର୍ଣ୍ଣ ହୋଇଯିବ।'

'ସେ କଥା କ'ଣ ମୁଁ ବୁଝିନି ନାନୀ! କୋଉଠି କେହି ମିସ୍ତ୍ରୀ କି ଶ୍ରମିକ ମିଳୁନାହାନ୍ତି। ସମସ୍ତେ ସରକାରୀ ଛୁଟି/ଛାଡ଼ ପାଇ କୁମ୍ଭମେଳାରେ ବୁଡ଼ ମାରି ପାପ ଛଡ଼ାଇ ଆସିବା ଚକ୍କରରେ ଅଛନ୍ତି, ତ କୋଉଠୁ ମିସ୍ତ୍ରୀ ମିଳିବେ ଆଉ?'

ପଛରେ ଥାଇ ଶିବୁ ସବୁ ଶୁଣୁଥିଲା। ସେ କହିଲା- 'ଏଇ କଥା ତ ବାପା! ତୁମେ ବ୍ୟସ୍ତ ହୁଅନାହିଁ, ଆମ ଯୁବକ ସଂଘ ପିଲାମାନେ ସବୁ କାମ କରିନେବେ।'

ସତକୁ ସତ, କୁମ୍ଭମେଳାରୁ ନେତା, ମନ୍ତ୍ରୀଙ୍କ ସହିତ ଶ୍ରମିକମାନେ ଫେରିଆସିବା ବେଳକୁ ଷ୍ଟାଡିୟମ୍ କାମ ସରିଯାଇଥିଲା। ନିର୍ଦ୍ଦିଷ୍ଟ ଦିନ ଉଦ୍‌ଘାଟନ ହେବ, ହେଲେ ଶିବୁକୁ ନ ପାଇ ଘରେ ଭାଳେଣି ପଡ଼ିଲା।

ଦୁଇଦିନ ପରେ କଇଁ ଗାଡ଼ିଆରେ ଭାସୁଥିବା ଶବଟି ଶିବୁର ହିଁ ଥିଲା। କିଏ କହୁଥିଲା- କେତେ କଣ୍ଟ୍ରାକ୍ଟର ଏଇ ଷ୍ଟାଡିୟମ୍ କାମ ପାଇବାକୁ ଟେଣ୍ଡର ପକାଇ ନିରାଶ ହୋଇଥିଲେ। ସେମାନେ ଭାବିନଥିଲେ ଯେ ସୁଶୀଲ କୁମ୍ଭମେଳା ପୂର୍ବରୁ ଏ କାମ ସାରିପାରିବ; ତେଣୁ ସେଇ କଣ୍ଟ୍ରାକ୍ଟରମାନଙ୍କ ଭିତରୁ କେହି ତା' ପୁଅକୁ ମାରିଦେଇଥିବେ। ଆଉ କିଏ କହୁଥିଲା- ନାହିଁ ମ, ବୟସର ଦୋଷରେ ପ୍ରେମରେ ଅସଫଳ ହୋଇ ଜୀବନ ହାରିଥିବ ଶିବୁ।

ଘରେ କିନ୍ତୁ ତା' ବିଧବା ସ୍ତ୍ରୀ ଅଳକାକୁ ଦେଖି କାନ୍ଦବୋବାଳି ପଡ଼ିଥିଲା। ପିଇସୀମାନେ ବୋହୂକୁ ଆଶ୍ୱାସନା ଦେଇ କହୁଥିଲେ- 'କୁଆଡ଼େ ଗଲୁରେ କଳିଯୁଗର ଧରମା! ବଞ୍ଚିଥିଲେ ସିନା ସତ କହିବାକୁ ଜୀବନ ଗୀତ ବୋଲି ଗାଇଥାଆନ୍ତୁ।' ସୁଶୀଲ ଓ ତା' ସ୍ତ୍ରୀ କାତର ହୋଇ କାନ୍ଦିବା ନିଶ୍ଚୟ ତାଙ୍କ ଜୀବନ ଗୀତ ବୋଲି ବିଧାତା ଲେଖିଥିଲା।

କିଛି ଦୂରରେ ଥିବା ଅଫିସ୍ ଭିତରୁ ଏକୁଟିଆ ସେ ଗଛଟା ଆଡ଼କୁ ଆଖି ପଡ଼ିଗଲେ ଲେଉଟି ଆସେ ଆଖି, କିନ୍ତୁ ମନ? ନା, ଆଦୌ ନୁହେଁ। ସେଇ ଏକେଲା ଗଛ ଦେଇ ମିଟୁ ପୁଣି ଯିବା ଆସିବା କରିବ- କେବେ ଭାବି ନଥିଲା ସେ। ହେଲେ ଜୀବନ ଯୁଦ୍ଧରେ ସାମିଲ ହେବାକୁ ହେଲେ କିଛି ତ ଆପଣେଇବାକୁ ହୁଏ। ସେହି ଆତ୍ମଘୋଷିତ ପୁରୁଷପୁଙ୍ଗବ ମିଟୁ, ସେଥିରୁ ବାଦ୍ ଯାଆନ୍ତା କେମିତି!

ସବୁଦିନ ଅଫିସ୍??କୁ ପଶିଯିବା ବେଳେ ନଜର ପଡ଼େ ସେହି ଟାଇପିଷ୍ଟ ସିଟ୍‌ରେ ବସି 'ଠକ୍ ଠାକ୍' ବାଡ଼େଇ ଶବ୍ଦ ସୃଷ୍ଟି କରୁଥିବା ତନୁ-ପାତେଳୀ ଝିଅଟା ଉପରେ। ଆଜି ସେ ନଜର ଅଲଗା ଥିଲା। ନାରୀମାନେ ଭାରି ସତର୍କ- ଜାଣିଥିଲେ ବି ଅନୁଭବ କଲା ମିଟୁ, ମିତୁଙ୍କ କଥା ଏକଦମ୍ ଠିକ୍। ଝିଅଟା ବି ଅପ୍ରସ୍ତୁତ ହୋଇପଡ଼ିଲା। ଆଉ ଠିକ୍ ସେତିକି ବେଳେ ମିଟୁ କିଛି ଆବିଷ୍କାର କଲା।

ସେ ଗଛଟା ଆଉ ତା' ଛାଇରେ ମସ୍‌ଗୁଲ୍ ସେଇ ପୁଅ-ଝିଅ ଦୁଇଜଣଙ୍କ କଥା, ସେ ଦୁହିଁଙ୍କ ପ୍ରେମଗଳ୍ପ ସହ ଓତପ୍ରୋତ ଭାବେ ଜଡ଼ିତ ମିଟୁ, ଝିଅଟିକୁ ଦେଖି ସ୍ତବ୍ଧ ଓ ଚକିତ! ସବୁ ଉତ୍ତାଳ ତରଙ୍ଗରେ ଭଟ୍ଟା ପଡ଼ିଲା ପରି ଯେଉଁ ଝିଅଟାର ପ୍ରେମିକ ସାଜିଥିବା ସେଇ ଡେଙ୍ଗା-ପତଳା ପୁଅଟା ଉଭାନ ହୋଇଗଲା ସବୁଦିନ ପାଇଁ, ଝିଅଟାର ସବୁଜ ଓଢ଼ଣୀ ଭିତରୁ ସାଗୁଆ ଆଖି ଦୁଇଟାର ଅଶ୍ରୁ ଢଳଢଳ ସମ୍ମୋହନରେ ନିଜେ ମିଟୁ ଯେବେ ସବୁଜ ବାନିଅନ୍ ପିନ୍ଧି ସେଇ ଏକେଲା ଗଛମୂଳେ ଝିଅଟିର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଛି, ଉଭାନ ହୋଇସାରିଥିଲା ଝିଅଟା- ଅଳକା!

ପାଠଶାଠ, ଚାକିରି, ବାହାଘର ପରେ ମିତୁକୁ ଅନେକ ଥର ପଚାରିଛି ମିଟୁ- 'କୁହନା ତୁମ ଅତୀତ?'

ଦାର୍ଶନିକ ଭଳି ମିତୁ ଉତ୍ତର ଦିଏ- 'ଅତୀତ ନିରୁଦ୍ଦିଷ୍ଟ, ଭବିଷ୍ୟତ ଅନ୍ଧାର। ତେଣୁ ବର୍ତ୍ତମାନ ଭିତରେ ବଞ୍ଚି ଶିଖିବା ଉଚିତ ନୁହେଁ କି?'

ମିତୁ କଥାରେ ଆହାତ ହୁଏ ମିଟୁ। ଉପରକୁ ପ୍ରକାଶ କରେନା ସିନା, ଭିତରେ ଛଟପଟ ହୁଏ। ମିତୁର ଅତୀତ ପଚାରିଲେ, ସେ ହୁଏତ ମିଟୁର ଅତୀତ ପଚାରି ବସିବ ତ ଗାଳି ପକାଇବ! ଫୁଟୁଥିବା ଭାତ ପରି ତା' ସବୁଜ ବାନିଅନ୍ ପିନ୍ଧିବାର ରହସ୍ୟ ସହ ଅଳକା କଥା। ସେଇ ଦୁର୍ମୂଲ୍ୟ ଅନୁଭବ ସବୁକୁ ନିଜ ପାଖରେ ରଖି ମିଟୁ କିନ୍ତୁ ଭାବୁଥିଲା- ସତରେ ନାରୀ ଖାଲି ସତର୍କ ନୁହେଁ, ହିସାବୀ ମଧ୍ୟ।

ଆଜି କାମରେ ମନ ଲାଗୁନଥିଲା ମିଟୁର। ଟାଇପ୍ ମେସିନ୍ ପାଖରେ ଝିଅଟା ନଥିଲା। ମିଟୁ କିନ୍ତୁ ଅନ୍ୟମନସ୍କ। ଓହ୍ଲାଇ ପଡ଼ିଲା ବସ୍‌ରୁ, ସେଇ ଏକୁଟିଆ ଗଛ ପାଖରେ। କେହି କୁଆଡ଼େ ନଥିଲେ। କେମିତି ଫେରିବ ଚିନ୍ତା ବି ନଥିଲା। ଆଉ ଖୋଜୁଥିବା ଠିକଣା ତାକୁ ଉପହାସ କରୁଥିଲା ସତ, କିନ୍ତୁ ରାସ୍ତା ମିଳିଗଲା।

ଛୋଟ ଗାଁଟିଏ। ତାରି ଭିତରେ ଅଳକା ରହେ- ତା' ବାପଘରେ। ମିଟୁ ଖୋଜି ଖୋଜି ଭିତରକୁ ପଶିଲା।

ଅଳକା କହୁଥିଲା- 'ମୁଁ ଜାଣିଥିଲି ଆପଣ ଆସିବେ। ସେଇ କିଛି ଦିନ ସେ ଏକୁଟିଆ ଗଛମୂଳେ ଲେଖିଥିବା ଗଳ୍ପର ନାୟିକାକୁ କୋଉ ଗାଳ୍ପିକ ବା ପାଇକି ହଜେଇବ?'

'ହଁ, ଏନ୍.ଏସ୍.ଏସ୍. କ୍ୟାମ୍ପ୍‌ରେ ସେଇ କିଛିଦିନ ଖୁବ୍ ରୋମାଞ୍ଚକର ଥିଲା, ତା'ପରେ ତ ସବୁକିଛି ଗତାନୁଗତିକ ଥିଲା।'

ଚମକି ପଡ଼ିଲା ମିଟୁ! ଅଳକା ଛୁଆଟିଏ ଧରି ଯେତେବେଳେ ଖାଲି ହାତରେ ଜଳଖିଆ ପ୍ଲେଟ୍ ବଢ଼ାଇ ପୁଅକୁ କହୁଥିଲା- 'ଅଙ୍କଲଙ୍କୁ ନମସ୍କାର କର ବାବୁ।'

ସେପଟୁ ମିତୁର ଫୋନ୍- 'କ'ଣ ସବୁଜ ବାନିଅନ୍ ପିନ୍ଧା କାହାଣୀର ଆରମ୍ଭରେ ନା ଶେଷ ଠିକଣାରେ ହଜିଗଲ?'

ଅଳକାକୁ ଧନ୍ୟବାଦ ଦେଇ ଏଇଠୁ ରାସ୍ତା ଯାଏଁ ବସ୍ ଧରିବାକୁ କିଛି ସାହାଯ୍ୟ ମିଳିପାରିବ କି ବୋଲି ପଚାରୁଥିଲା ମିଟୁ, ତ ନିଜେ ସ୍କୁଟି କାଢୁଥିଲା ଅଳକା। ସେଇ ଏକୁଟିଆ ଗଛ ଦେଇ ଅଳକା ସହ ସ୍କୁଟିରେ ଯାଉ ଯାଉ ମିଟୁକୁ ଲାଗିଲା- ନାରୀଗୁଡ଼ା ଖୁବ୍ ବୁଦ୍ଧିମତୀ ତଥା ଦୁଃସାହସୀ ମଧ୍ୟ।

ଏକେଲା ଗଛଟା ହସୁଥିଲା- ଜୀବନର ଅନେକ ରଙ୍ଗ ଓ ଜୀବନ ଗୀତ ଶୁଣି ଆଉ ଦେଖି। ଯିବା ପୂର୍ବରୁ ଅଳକାର ଜୀବନ ଗୀତ ଶିବୁର ମୃତ୍ୟୁ ରହସ୍ୟ ନିଶ୍ଚୟ ପ୍ରକଟ ହେବ ବୋଲି, ଏହି ଆଶ୍ୱାସନା ହିଁ ଅଳକାର ଜୀବନ ଗୀତ ହୋଇସାରିଥିଲା।

**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଅଦୃଶ୍ୟ ଓଢ଼ଣୀ

ଗାଁ ମୁଣ୍ଡ ବରଗଛ ଛାଇରେ ସନ୍ଧ୍ୟା ନାମିଆସିଲେ, ବାସନ୍ତୀ ଆସି ସେହି ପଥର ଚଟାଣରେ ବସିପଡ଼େ। ତା' ଆଖିରେ ଥାଏ ଅଫୁରନ୍ତ ପ୍ରତୀକ୍ଷା, ଆଉ ହାତରେ ଥାଏ ଶ୍ୟାମ ପାଇଁ ଅଧା ବୁଣା ହୋଇଥିବା ସେହି ନୀଳ ରଙ୍ଗର ସୋଏଟର। ଦଶ ବର୍ଷ ତଳେ ଏହି ବରଗଛ ମୂଳରୁ ହିଁ ଶ୍ୟାମ ସହରକୁ ଯାଇଥିଲା- ନିଜ ପରିବାରର ଦୁଃଖ ଦୂର କରିବା ପାଇଁ। ଯିବା ସମୟରେ ବାସନ୍ତୀର ହାତ ଧରି କହିଥିଲା, 'ସୋଏଟର ବୁଣା ସରିଲେ ମୁଁ ଫେରିଆସିବି, ଆମେ ଏକାଠି ନୂଆ ସଂସାର ଗଢ଼ିବା।'

ସମୟ ବିତିଗଲା, କିନ୍ତୁ ଶ୍ୟାମର କୌଣସି ଖବର ମିଳିଲା ନାହିଁ। ଗାଁ ଲୋକେ କହିଲେ ସେ ଆଉ କେବେ ଫେରିବନି। ହେଲେ ବାସନ୍ତୀର ମନ ଆଦୌ ମାନିଲା ନାହିଁ; ତା'ର ଦୃଢ଼ ବିଶ୍ୱାସ ଥିଲା ଯେ ପ୍ରେମ କେବେ ପ୍ରତାରଣା ଦିଏନାହିଁ। ସେଥିପାଇଁ ସେ ପ୍ରତିଦିନ ସନ୍ଧ୍ୟାରେ ସେହି ନୀଳ ସୋଏଟରଟିକୁ ଛାତିରେ ଚାପିଧରି ବରଗଛ ମୂଳେ ବସି ରହେ।

ଦିନେ ସନ୍ଧ୍ୟାରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ପ୍ରବଳ ବର୍ଷା ହେଲା। ସମସ୍ତେ ନିଜ ନିଜ ଘରକୁ ପଳାଇଲେ, କିନ୍ତୁ ବାସନ୍ତୀ ସେମିତି ଓଦା ହୋଇ ଶ୍ୟାମର ବାଟ ଚାହିଁ ଠିଆ ହୋଇଥିଲା। ହଠାତ୍ ପଛରୁ କାହାର ଗୋଟିଏ ହାତ ଆସି ତା' ମୁଣ୍ଡ ଉପରେ ଓଢ଼ଣୀ ଟାଣିଦେଲା। ବାସନ୍ତୀ ଚମକି ପଡ଼ି ପଛକୁ ଚାହିଁଲା ବେଳକୁ ଆଖି ଆଗରେ ଠିଆ ହୋଇଥିଲେ ଜଣେ ଅପରିଚିତ ଯୁବକ।

ସେ ଯୁବକ ଜଣକ ହାତରେ ଗୋଟିଏ ପୁରୁଣା ଚିଠି ଧରି କହିଲେ, 'ମୁଁ ଶ୍ୟାମର ସାଙ୍ଗ। ସହରରେ ଗୋଟିଏ ଦୁର୍ଘଟଣାରେ ଶ୍ୟାମ ତା'ର ଦୃଷ୍ଟିଶକ୍ତି ହରାଇ ବସିଛି। ସେ ଭାବିଥିଲା ଅନ୍ଧ ହୋଇଯିବା ପରେ ସେ ତୁମ ଜୀବନରେ ବୋଝ ହୋଇଯିବ, ତେଣୁ ଫେରିବାକୁ ଡରୁଥିଲା। କିନ୍ତୁ ତୁମର ଏହି ନିଷ୍ପାପ ପ୍ରେମ ଓ ପ୍ରତୀକ୍ଷା କଥା ଶୁଣି ମୁଁ ତାକୁ ଏଠାକୁ ନେଇ ଆସିଛି।'

**ରାଜୀବ ଲୋଚନ ଜେନା**
ବେଲପଡ଼ା, ବାଣପୁର, ଖୋର୍ଦ୍ଧା

# ପତ୍ନୀ



ପତିଙ୍କୁ ପତନରୁ ତ୍ରାଣକରନ୍ତି
ବୋଲି ତ
ସେ ପତ୍ନୀ।
ତାଙ୍କ ଦେହର ନଈକୁ
ନିଆଁର ନୌକାରେ
ପାରିହେବାକୁ
ପତି ଯେମିତି
ଆବେଗ, ଛଳଛଳ
ପତି ପରମେଶ୍ୱରଙ୍କ
ମନଗହନର ଅନ୍ତର୍ଦାହକୁ ଶୋଷିବାକୁ
ସେ ସେମିତି ଆଗଭର।
ନିଜକୁ ନିଃସର୍ତ୍ତ ଭାବେ ସମର୍ପି ଦେଇ
ସ୍ୱାମୀଙ୍କ ପାଦତଳେ
ସେ ମାଗୁଥାନ୍ତି ଅହ୍ୟ ସୁଲକ୍ଷଣୀ
ହେବାର ଆଶୀର୍ବାଦ
ସୂର୍ଯ୍ୟମୁଖୀ ସମ ଅନେଇଥାନ୍ତି
ଆକୁଳ ଆଖିରେ
ସେଠି ପରା ତୁଚ୍ଛ ହୋଇଯାଏ
ଧରଣୀର ଯେତେ ସବୁ
କୁବେର ସମ୍ପଦ।

**ଗୋପୀନାଥ ଦାଶ**
ବ୍ରାହ୍ମଣକୁଶଡିହ, ଆଙ୍କୁଲାଚଟୀ, ଖୋର୍ଦ୍ଧା
ମୋ: ୮୦୧୮୮୮୧୪୧୧

# ବେସାହାରା ଜରା

ମୁଁ ବୃଦ୍ଧ ମୁଁ ପରିଣତ,
ମୁଁ କ୍ଲାନ୍ତ ମୁଁ ପରିଣତ
ବାର୍ଦ୍ଧକ୍ୟ ସହ କରିଛି ସାଲିସ୍
ବୟସର ଅପରାହ୍ନ ରେ
ନିଃସଙ୍ଗତା ସହ ସନ୍ଧି କରି
ଜୀବନ ଯୁଦ୍ଧରେ ଲେଉଟା
ପରାହତ ସୈନିକ ସଜେଇଛି
ଆଜି ଏ ହୀନ ଭାଗ୍ୟ ମୋତେ।
ଅଙ୍ଗମାନେ ଶିଥିଳ
ଧୁଡୁଧୁଡୁ ଚର୍ମ ଆଉ ହାଡୁଆ ମୁହଁର
ଶୁଖିଲା ହସ ଗୋଟେ ବେଶ୍
ସ୍ପଷ୍ଟ କରେ ଅସହାୟ ବେସାହାରା
ଚିହ୍ନ ହିଁ କେବଳ।
ମୁଁ ବୃଦ୍ଧ
ଜରାଗ୍ରସ୍ତ
ଅପତ୍ୟର ସଂସାରରେ
ଘରକୋଣ କବାଟ ପଛର
ଅଦରକାରୀ ବସ୍ତୁଟିଏ
ହୋଇସାରିବା ପରେ,
କି କାମରେ ମୁଁ ଆସିପାରେ?
କାଚ ତଳର କାଠ ଫ୍ରେମ୍ ଭିତରେ
ମୋ ଫିକା ମୁହଁଟା ଟଙ୍ଗା ହେବ
ଖାଲି ଯାହା ରଙ୍ଗୀନ୍ କାନ୍ଥରେ।

**ମନୀଷା ପଣ୍ଡା (ଶିକ୍ଷୟିତ୍ରୀ)**
ଅଙ୍କରାନ୍ତିପୁର, ଢେଙ୍କାନାଳ

ଜାତୀୟ ଚେତନା
JATIYA CHETANA



## ଭବ୍ୟ ସମାରୋହ ସହ ଏସିଆନ୍ ଗେମ୍ସ ୨୦୨୬ର ସମାପନ

# ୨୧ ସ୍ୱର୍ଣ୍ଣ ସହ ମୋଟ ୮୫ ପଦକ ଜିତି ଚତୁର୍ଥରେ ଭାରତ



ନାଗୋୟା,(ଏଜେନ୍ସି): ଜାପାନୀ ସଂସ୍କୃତି ଏବଂ ଆତିଥ୍ୟର ଆକର୍ଷଣୀୟ ଝଲକ ସହିତ ସଙ୍ଗୀତ ଏବଂ ଆଲୋକରେ ସଜ୍ଜିତ ଭବ୍ୟ କାର୍ଯ୍ୟକ୍ରମ ମଧ୍ୟରେ ରବିବାର ଆଇଚି-ନାଗୋୟା ଏସିଆନ୍ ଗେମ୍ସର ସମାପନ ହୋଇଛି। ଦୁଇ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ଚାଲିଥିବା କଡ଼ା ପ୍ରତିପ୍ରତିଦ୍ୱନ୍ଦ୍ୱିତା ପରେ ଏସିଆର ୪୫ ଦେଶର ଖେଳାଳି ମିଜୁହୋ ପାର୍କ ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ରେ ଖେଳର ସମାପନ ସମାରୋରେ ସାମିଲ ହୋଇଥିଲେ। ଏହି ଖେଳ ଅବସରରେ ଅତିକମ୍‌ରେ ୫୦ ବିଶ୍ୱ ରେକର୍ଡ ସହ ୩୫୦ରୁ ଅଧିକ ରେକର୍ଡ ସୃଷ୍ଟି ହୋଇଛି। ଅବଶ୍ୟ ଖେଳ ଆୟୋଜନ ପୂର୍ବରୁ ଲଜିଷ୍ଟିକ୍ ସମସ୍ୟା ଏବଂ କୁପ୍ରବନ୍ଧନ ଦ୍ୱାରା ପ୍ରଭାବିତ ହୋଇଥିଲା।

ସମାପନ ସମାରୋହ ପ୍ରାୟ ୯୦ ମିନିଟ୍ ଧରି ଚାଲିଥିଲା। ଭାରତ ୮୫ ପଦକ (୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ, ୩୭ ବ୍ରୋଞ୍ଜ୍) ସହିତ ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଛି, ଯାହା ଚୀନ୍‌ର ହାଙ୍ଗ୍‌ଝୋଉରେ ହୋଇଥିବା ଗତ ଚରଣଠାରୁ ୨୧ କମ୍। ଚୀନ୍ ଲଗାତାର ଦ୍ୱାଦଶ ଥର ତାଲିକା ଶୀର୍ଷରେ ରହିଛି। ଚୀନ୍ ୧୬୯ ସ୍ୱର୍ଣ୍ଣ, ୮୯ ରୌପ୍ୟ ଏବଂ ୮୩ ବ୍ରୋଞ୍ଜ୍ ସହିତ ମୋଟ ୩୪୧ ପଦକ ଜିତିଛି, ଯାହା ବିଦେଶରେ ଆୟୋଜିତ ଏସିଆନ୍ ଗେମ୍ସରେ ତା'ର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଆୟୋଜକ ଜାପାନ ୨୬୯ ପଦକ (୮୩ ସ୍ୱର୍ଣ୍ଣ, ୯୫ ରୌପ୍ୟ ଏବଂ ୯୧ ବ୍ରୋଞ୍ଜ୍) ସହିତ ଦ୍ୱିତୀୟ ଏବଂ ସାଉଥ୍ କୋରିଆ ୩୯ ସ୍ୱର୍ଣ୍ଣ, ୪୩ ରୌପ୍ୟ ଏବଂ ୬୮ ବ୍ରୋଞ୍ଜ୍ ପଦକ ସହ ତୃତୀୟ ସ୍ଥାନରେ ରହିଛନ୍ତି।

ଏସିଆନ୍ ଅଲିମ୍ପିକ୍ ପରିଷଦ (ଓସିଏ) ଅଧ୍ୟକ୍ଷ ଶେଖ୍ ଜୁଆନ୍ ବିନ୍ ହମଦ ଅଲ୍ ଥାନୀ ଖେଳର ସମାପନ ଘୋଷଣା କରିଥିଲେ। ପରେ ଓସିଏ ଧ୍ୱଜା ୨୦୩୦ ଏସିଆନ୍ ଗେମ୍ସର ଆୟୋଜନ କମିଟିର ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଥିଲା। ଏସିଏ ଧ୍ୱଜାକୁ ଦୋହାକୁ ପ୍ରଦାନ କାର୍ଯ୍ୟକ୍ରମରେ କତାରର ଅଲିମ୍ପିକ୍ ଏବଂ ବିଶ୍ୱ ଚାମ୍ପିଅନ୍ ମୁତାଜ ବାଶିମ୍ ସାମିଲ ଥିଲେ। ଟ୍ରାପ୍ ଶୁଟର୍ ନୀରୁ ଢାଣ୍ଡା (ଦୁଇ ସ୍ୱର୍ଣ୍ଣ, ଏକ ରୌପ୍ୟ ପଦକ ବିଜେତା)ଙ୍କ ନେତୃତ୍ୱରେ ଭାରତୀୟମାନେ ମଧ୍ୟ ଉତ୍ସବ ପରିବେଶରେ ଅଂଶଗ୍ରହଣ କରିଥିଲେ। ଧଳା ଓ ନୀଳ ରଙ୍ଗର ପୋଷାକ ପରିହିତ ପ୍ରାୟ ୩୦ ଭାରତୀୟ ଖେଳାଳି ଏବଂ ଅଧିକାରୀ ଆଥ୍‌ଲେଟ୍ ପରେଡ୍‌ରେ ଭାଗନେଇ ତ୍ରିରଙ୍ଗା ଉଡ଼ାଇଥିଲେ।

ସମାପନ ସମାରୋହରେ ଓ୍ୱାନ୍ ଏସିଆର ଅବଧାରଣାକୁ ବ୍ୟକ୍ତ କରିବା ନିମନ୍ତେ ଷ୍ଟାଡିୟମ୍ କେନ୍ଦ୍ରସ୍ଥଳରେ ଏକ ଷଡ଼୍‌ଭୁଜାକାର ମଞ୍ଚ ସ୍ଥାପନ କରାଯାଇଥିଲା ଏବଂ ଏହା ଶୋ'ର ମୁଖ୍ୟ ଆକର୍ଷଣ ଥିଲା। ଭବ୍ୟ ସମାପନ ଅବସରରେ ଏହାକୁ ଲଣ୍ଠନରେ ସଜା ଯାଇଥିଲା, ଯାହା ଜାପାନୀ ଗ୍ରୀଷ୍ମ ଋତୁର ଏକ ବିଶିଷ୍ଟ ପ୍ରତୀକ। ଆଇଚି-ନାଗୋୟା ଏସିଆନ୍ ଗେମ୍ସ ଏସିଆଡ୍‌ର ମାନ ବୃଦ୍ଧି କରିଥିବା ସମାରୋହ ଅବସରରେ ଓସିଏ ଅଧ୍ୟକ୍ଷ ଶେଖ୍ ଜୁଆନ୍ ବିନ୍ ହମଦ ଅଲ୍ ଥାନୀ କହିଥିଲେ। ପରମ୍ପରା ଅନୁସାରେ ଓସିଏ ପ୍ରମୁଖ ଏସିଆର ଯୁବ ଗୋଷ୍ଠୀକୁ ଏହି ଭାବନା ଆଗକୁ ବଢ଼ାଇବା ସହିତ ଚାରିବର୍ଷ ପରେ ୨୦୩୦ରେ ଦୋହାରେ ହେବାକୁ ଥିବା ୨୧ତମ ଏସିଆନ୍ ଗେମ୍ସରେ ପୁଣି ଏକାଠି ହେବାକୁ ଆହ୍ୱାନ କରିଛନ୍ତି। ସେପ୍ଟେମ୍ବର ୧୯ରେ ଉଦ୍‌ଘାଟନ ସମାରୋହରେ ବିଭିନ୍ନ ଏସୀୟ ଦେଶ ଏବଂ କ୍ଷେତ୍ରର ବିବିଧ ଖେଳାଳିମାନଙ୍କ ପ୍ରତିନିଧିତ୍ୱ ଇନ୍ଦ୍ରଧନୁ ରଙ୍ଗର ହୃଦୟର ଅନେକ ସ୍ତର ଦ୍ୱାରା କରାଯାଇଥିଲା। ସମାପନ ସମାରୋହ ପାଇଁ ହୃଦୟ କେନ୍ଦ୍ରରେ ଖାଲିଥିବା ସ୍ଥାନକୁ ଭାବନା ଏବଂ ଏକତାର ଭାବନ ସହିତ ସୁନ୍ଦର ଭାବେ ଭରାଯାଇଥିଲା। ଏହାର ଉଦ୍ଦେଶ୍ୟ ଖେଳାଳିମାନଙ୍କୁ ଏକଜୁଟ କରିବା ଥିଲା, ଯାହା ଫଳରେ ଏସୀୟ ଦେଶଗୁଡ଼ିକ ପାଇଁ ବହୁ ବର୍ଷ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ବାତାବରଣରେ ମିଳିତ ଭାବେ କାମ କରିପାରିବେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ବୋନ୍-ଓଡୋରୀ ନୃତ୍ୟ ଥିଲା। ଏହାର ଆରମ୍ଭ ଜାପାନରେ ହୋଇଥିବା ବେଳେ ଏବେ ଏହା ଏସିଆର ବହୁ ଅନ୍ୟ ଦେଶରେ ମଧ୍ୟ ଲୋକପ୍ରିୟ। ଏହି ନୃତ୍ୟ ପିଢ଼ି ପରେ ପିଢ଼ି ଏବଂ ଦେଶର ସୀମାନ୍ତ ବାହାର ଲୋକଙ୍କ ଯୋଡ଼ିଥାଏ। ଏହି ନୃତ୍ୟକୁ 'ମସ୍ତୁକେନ୍ ସାମ୍ବା-୨' ଗୀତ ଜରିଆରେ ଉପସ୍ଥିତି କରାଯାଇଥିଲା, ଯେଉଁଥିରେ ନାଗୋୟାର ସ୍ୱତନ୍ତ୍ର ସଂସ୍କୃତି ଏବଂ ଆକର୍ଷଣ ଝଲକ ଦେଖିବାକୁ ମିଳିଛି। ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଆଗମନ ପରେ ଏକ ଚମକଦାର ଲେଜର୍ ଲାଇଟ୍ ଶୋ' ହୋଇଥିଲା, ଯେଉଁଥିରେ ନାଗୋୟାର କଳାକାରମାନେ 'ଚେରୀ ବ୍ଲସମ୍'ରେ ସଜ୍ଜିତ ପୋଷାକ ପିନ୍ଧି ପ୍ରସ୍ତୁତି ଦେଇଥିଲେ। ଏହାପରେ ଖେଳାଳିମାନଙ୍କ ପରେଡ୍ ହୋଇଥିଲା। ଏଥିରେ ଭାରତର ନୀରୁ ଢାଣ୍ଡାଙ୍କ ସହିତ କେବଳ ଧ୍ୱଜାବାହନମାନେ ମାର୍ଚ୍ଚ କରିଥିଲେ। ଏହାପରେ ୪୫ ଦେଶର ଦଳ ଆଲୋକ ଓ ସଙ୍ଗୀତର ମୂର୍ଚ୍ଛନାରେ ପଡ଼ିଆକୁ ପ୍ରବେଶ କରିଥିଲେ। ଏହାପରେ ଏସିଆନ୍ ଗେମ୍ସ ୨୦୨୬ର କେତେକ ସ୍ମରଣୀୟ ପ୍ରଦର୍ଶନ ଏବଂ ମୁକାବିଲାର ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ଓସିଏ ଅଧ୍ୟକ୍ଷ ପ୍ରଥମେ ଏସିଆନ୍ ଗେମ୍ସର ମଶାଲ୍, ଓସିଏ ଧ୍ୱଜା କତାର ପ୍ରଧାନମନ୍ତ୍ରୀ ଶେ ମହମ୍ମଦ ବିନ୍ ଅବ୍‌ଦୁଲରହମାନ୍ ଅଲ୍ ଥାନୀଙ୍କୁ ପ୍ରଦାନ କରିଥିଲେ। କତାରର ସବୁଠୁ ସଫଳ ଖେଳାଳି ବାଶିମ୍ କେନ୍ଦ୍ର ମଞ୍ଚ ସମ୍ଭାଳିଥିଲେ। ସେ ଓସିଏ ଧ୍ୱଜା ଗ୍ରହଣ କରିଥିଲେ ଏବଂ ସେ ହାଇ ଜମ୍ପ୍ କରୁଥିବା ବିଶାଳ ସ୍କ୍ରୀନ୍‌ରେ ପ୍ରଦର୍ଶିତ କରାଯାଇଥିଲା। ଧ୍ୱଜା ଧରି ସେ ଘୋଡ଼ାରେ ଯାତ୍ରା କରୁଥିବା ମଧ୍ୟ ପ୍ରଦର୍ଶିତ କରାଯାଇଥିଲା।

# ୨୪ ବର୍ଷ ପରେ ପୁରୁଷଙ୍କୁ ଟପିଲେ ମହିଳା ଖେଳାଳି

ନୂଆଦିଲ୍ଲୀ,(ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଆୟୋଜିତ ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ଅଭିଯାନ ଶେଷ ହୋଇଛି। ଜାପାନରେ ୧୬ ଦିନ ଧରି ଚାଲିଥିବା ଗେମ୍ସରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଭାରତୀୟ ଖେଳାଳିମାନେ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଏବଂ ୩୭ ବ୍ରୋଞ୍ଜ୍ ସମେତ ୮୫ ପଦକ ଜିତିଛନ୍ତି। ଉଜ୍‌ବେକିସ୍ତାନ ସମାନ ୨୧ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଅଧିକ ରୌପ୍ୟ ପଦକ ଆଧାରରେ ଭାରତ ଚତୁର୍ଥ ସ୍ଥାନରେ ରହିଛି।

ଭାରତ ଚଳିତ ଥର ମହିଳା ଇଭେଣ୍ଟ୍‌ରେ ୧୧ ଏବଂ ପୁରୁଷ ଇଭେଣ୍ଟ୍‌ରେ ୭ ସ୍ୱର୍ଣ୍ଣ ଜିତିଛି। ୩ ସ୍ୱର୍ଣ୍ଣ ମିକ୍ସଡ୍ ଇଭେଣ୍ଟ୍‌ରୁ ଆସିଛି। ଏହା ପୂର୍ବରୁ ୨୦୦୨ ବୁସାନ୍ ଏସିଆନ୍ ଗେମ୍ସରେ ଭାରତର ମହିଳା ଖେଳାଳି ଆଗରେ ରହିଥିଲେ। ସେତେବେଳେ ଭାରତ ମହିଳା ଇଭେଣ୍ଟ୍‌ରେ ୬ ଏବଂ ପୁରୁଷ ଇଭେଣ୍ଟ୍‌ରେ ୫ ସ୍ୱର୍ଣ୍ଣ ପଦକ ଜିତିଥିଲା।

ଭାରତ ୨୦୨୩ ସଂସ୍କରଣରେ ୨୮ ସ୍ୱର୍ଣ୍ଣ ସହିତ ୧୦୬ ପଦକ ଜିତିଥିଲା। ସେତେବେଳେ ଭାରତ ଶୁଟିଂରେ ୭ ଏବଂ ଆଥ୍‌ଲେଟିକ୍ସରେ ୬ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ମାତ୍ର ଚଳିତ ଥର ଶୁଟିଂରେ ୩ ଏବଂ ଆଥ୍‌ଲେଟିକ୍ସରେ ଗୋଟିଏ ସ୍ୱର୍ଣ୍ଣ ମିଳିଛି। ଅର୍ଥାତ୍ ଏହି ଦୁଇ ଖେଳରେ ହିଁ ଭାରତକୁ ୯ ସ୍ୱର୍ଣ୍ଣ ପଦକର କ୍ଷତି ହୋଇଛି। ଭାରତ ଗତ ଥର ସ୍କ୍ୱାଶ୍‌ରେ ୨ ଏବଂ ଟେନିସ୍, ବ୍ୟାଡ୍‌ମିଣ୍ଟନ୍ ଏବଂ ଅଶ୍ୱାରୋହଣରେ ୧-୧ ସ୍ୱର୍ଣ୍ଣ ଜିତିଛନ୍ତି। ଚଳିତ ଥର ଏହି ଖେଳରେ ଭାରତକୁ କୌଣସି ସ୍ୱର୍ଣ୍ଣ ମିଳିନାହିଁ। ତେବେ ବକ୍ସିଂ ଓ କୁସ୍ତିରେ ଉନ୍ନତ ପ୍ରଦର୍ଶନ କିଛି ମାତ୍ରାରେ ସ୍ୱର୍ଣ୍ଣ ପଦକର ଅଭାବକୁ ପୂରଣ କରିଛି। ଗତଥର ଭାରତକୁ ଏହି ଦୁଇ ଖେଳରେ ଗୋଟିଏ ବି ସ୍ୱର୍ଣ୍ଣ ମିଳିନଥିଲା। କିନ୍ତୁ ଚଳିତ ଥର ବକ୍ସିଂରେ ୩ ଏବଂ କୁସ୍ତିରେ ୨ ସ୍ୱର୍ଣ୍ଣ ମିଳିଛି। ଆର୍ଚେରୀରେ ଭାରତ ଗତ ପ୍ରଦର୍ଶନକୁ ଦୋହରାଇଛି।

ଟିମ୍ ଇଭେଣ୍ଟ୍‌ରେ ଭାରତ ଦବ୍‌ଦବା କାଏମ ରଖିଛି। କ୍ରିକେଟ୍, ହକି ଏବଂ କବାଡ଼ିରେ ଭାରତ ପୁରୁଷ ଓ ମହିଳା ଦୁଇ ବର୍ଗର ସ୍ୱର୍ଣ୍ଣ ପଦକ ଜିତିଛି। ହକିରେ ଏସିଆଡ୍ ସ୍ୱର୍ଣ୍ଣ ଜିତିଲେ ସିଧା ଅଲିମ୍ପିକ୍ ଟିକେଟ୍ ମିଳିଥାଏ। ତେଣୁ ଭାରତର ଦୁଇ ହକି ଟିମ୍ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତର ଦୁଇ ବର୍ଗର ହକି ଟିମ୍ ସମାନ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ଜିତିବା ଏହା ପ୍ରଥମ ଘଟଣା।

ଏହି ଏସିଆନ୍ ଗେମ୍ସରେ ଅଲଗା ଅଲଗା ଇଭେଣ୍ଟ୍‌ରେ ମୋଟ ୫୩ ବିଶ୍ୱ ରେକର୍ଡ ଏବଂ ୭୬ ଏସିଆନ୍ ରେକର୍ଡ ଭଙ୍ଗ ହୋଇଛି। ଏହା ସହିତ ୧୬୬ ନୂଆ ଗେମ୍ସ ରେକର୍ଡ ସ୍ଥାପନ ହୋଇଛି। ଭାରତୀୟ ମହିଳା କମ୍ପାଉଣ୍ଡ୍ ଆର୍ଚେରୀ ଟିମ୍ ଫାଇନାଲ୍‌ରେ ଚୀନ୍ ବିପକ୍ଷରେ ୨୩୮ ପଏଣ୍ଟ୍ ହାସଲ କରିଥିଲେ, ଯାହା ବିଶ୍ୱ ରେକର୍ଡ ସମକକ୍ଷ।

## କୂଳେ ବାଡ଼େଇବ ମଥା



ଦେଖୁଛି ଆକାଶେ ଭାସୁଅଛି ମେଘ
ନାହିଁ ବିଜୁଳି ଆବେଶ,
ବାୟୁ ଅଟେ ତା'ର ପରମ ବାଧକ
ଛାଡ଼ି ନଥାଏ ସେ ବାଟ।
ପବନ ସାଥେ ସେ ଗତି କରଇ
କାହିଁ କେତେ ତା'ର ବେଶ,
କୁପରିବାହୀ ସେ ତାପ ଓ ଶମ୍ପାର
ଅନେକ ବାଷ୍ପେ ମିଶ୍ରିତ।
କେଉଁଠି ସେ ହାତୀ କେଉଁଠି ସେ
ଘୋଡ଼ା
କେଉଁଠି ନଉକା ସମ,
କେଉଁଠି ଦାନବ କେଉଁଠି ମାନବ
ସମୁଦ୍ର ପୋତି ସମାନ।
ଆକାଶେ ଜୀମୂତ ହେଲେ ସଙ୍କୁଚିତ
ହୁଅଇ କଳାହାଣ୍ଡିଆ,
ଉପରେ ସେ ଥାଇ ହୋଇଥାଏ ଭାରି
ହୋଇଥାଏ ସେ କାଳୁଆ।
ତଳକୁ ଟାଣଇ ଧରଣୀ ଯେସନ
ଘଷିହୁଏ ବାୟୁ ଧାରେ,
ହୁଏ ଇଲେକ୍ଟ୍ରନ୍ ମେଘୁ ବିସ୍ଥାପନ
ଯୁକ୍ତାଯୁକ୍ତ ବେଶ ଧରେ।
ମେଘର ଉପରେ ଧନାତ୍ମକ ସୃଷ୍ଟି
ତଳେ ହୁଏ ଋଣାତ୍ମକ,
ପ୍ରବଳ ଗତିରେ ଆବେଶ ବଢ଼ଇ
ବଜ୍ରପାତର ସୂଚକ।
ବିଜୁଳିର ଧାର ବହେ ନିରନ୍ତର
ମୁଦିତ ପଥ ପାଇଲେ,
ପଥ ହେଲେ ଛିନ୍ନ ହୁଅଇ ଉଚ୍ଛନ୍ନ
ମିଶିବାକୁ ତାହା ତୁଲେ।
ତେଣୁ ବାଟ ଖୋଜେ ବିଜୁଳି
ମେଘରୁ
ଯିବାକୁ ଅନ୍ୟ ମେଘକୁ,
ଅବା ଚାଲିଯାଏ ଉଚ୍ଚ ବୃକ୍ଷ ଦେଖି
ଧରଣୀରେ ମିଶିବାକୁ।
କିମ୍ବା ନିଜେ ବଳ ବଢ଼ାଇଥାଏ ସେ
ବିଭବ ମାତ୍ରାର ମାନ,
ଅଧିକ ବିଭବେ ବାୟୁ ମଧଦେଇ
ଯାତ୍ରାଟି ଅଟେ ସୁଗମ।
ଭାଙ୍ଗିଦେଇଥାଏ ବାୟୁର ରୋଧକ
ସଞ୍ଚୟ କରି ବିଭବ,
'ବ୍ରେକ୍ ଡାଉନ୍ ପୋଟେନ୍ସିଆଲ୍'ଟି
ହୋଇଥାଏ ଉଦ୍ଭବ।
ପ୍ରବର୍ତ୍ତିତ ହୋଇ ଆବେଶଟି ପରା
ଧରାପୃଷ୍ଠରେ ଜମଇ,
ମେଘର ବଳୟ ଟ୍ରପୋସ୍ଫିଅରଟି
ବାୟୁର ଘନତା ନେଇ।
କେଉଁଠି ବରଷା କେଉଁଠାରେ ଝଡ଼
କେଉଁଠି ଅର୍ଣ୍ଣବ ବାତ୍ୟା,
ବଙ୍ଗୋପସାଗରୁ ଆସିଥାଏ ଧାଇଁ
କୂଳେ ବାଡ଼େଇବ ମଥା।

**ପ୍ରମୋଦ କୁମାର ନନ୍ଦ**
ବଡ଼ପାରି, ଖୋର୍ଦ୍ଧା
ମୋ: ୮୫୯୬୮୨୩୬୬୪

## ମାଆ

କିଛି ନ କହିବି
ଅନେକ କଥା କହିଦିଏ
ଜାଣି ବି ଅଜଣା ହୁଏ
ନୀରବେ ନିରବିଯାଏ
କେ ବୁଝୁ କି ନ ବୁଝୁ
ଫରକ କିଛି ପଡ଼େନାହିଁ
କେବେ ହାତ ପାପୁଲି
ତ ଆଉ କେବେ ତକିଆକୁ
ଓଦା କରି
ଦୁଃଖକୁ ଭାଗ ଦିଏ।
ବେହିସାବି ହୋଇ
ସ୍ନେହ କରେ
କିଏ ତା'କୁ କ'ଣ ଭାବିବ
ସେଥିରେ ତାର ଯାଏଆସେ ନାହିଁ।
ଅଡୁଆ ସୂତାର ଖିଅ ପରି
ନିଜକୁ ଗୁଡ଼େଇ ତୁଡ଼େଇ ରଖେ
କାଳେ କିଏ ଜାଣିଦେବ।
ଛାତି ଭିତରେ ଜମାଟ ବାନ୍ଧିଥିବା
ଯନ୍ତ୍ରଣାର ଗୋଟେ ପରସ୍ତକୁ।
ତାଚ୍ଛଲ୍ୟ କରି କହିଦେବ କିଛି।
ଇଚ୍ଛାରୁ ଅନିଚ୍ଛା ଯାଏ
ଆଶାରୁ ନିରାଶା ଯାଏ
ସବୁ ପଥ ଅତିକ୍ରମ
କଳାପରେ ମଧ
ଜଳିବାକୁ ହୁଏ ତାକୁ
ଯନ୍ତ୍ରଣାର ଜଉଘରେ
ତତଲା ଲୁହରେ
ନିଜକୁ ତରଳାଇ
ଓଠକୁ ଓସାରିଦିଏ
ହସିବା ପାଇଁ
ପାଦକୁ ଆଦେଶ ଦିଏ
ନ ଥକି ଚାଲିବା ପାଇଁ।

**ତୁଳସୀ ସାହୁ**
ଯାଜପୁର ରୋଡ୍, ଯାଜପୁର

## ନୂତନ ଉଷା

ନୂତନ ଉଷା
କେବଳ ପୂର୍ବ ଆକାଶରେ
ସୂର୍ଯ୍ୟର ପ୍ରଥମ କିରଣ ନୁହେଁ-
ସେ ମଣିଷର ମନରେ
ଜନ୍ମ ନେଉଥିବା ଏକ ନୂଆଁ ବିଶ୍ୱାସ।
ଗତକାଲିର ପରାଜୟ,
ଭଙ୍ଗା ସ୍ୱପ୍ନ,
ଅସଂଖ୍ୟ ଅବ୍ୟକ୍ତ ବେଦନାକୁ
ସେ ନୀରବରେ କହେ-
'ଏଠି ଶେଷ ନୁହେଁ,
ଆରମ୍ଭ ଏଠାରୁ।'
ପ୍ରତ୍ୟେକ ପ୍ରଭାତ
ଏକ ଖାଲି ପୃଷ୍ଠା,
ଯେଉଁଠି ଆମେ
ସାହସର ଅକ୍ଷରରେ
ଲେଖିପାରୁ ନିଜ ଭବିଷ୍ୟତ।
ନୂତନ ଉଷା
ଶିଖାଏ-
ଆଲୋକ କେବଳ ଆକାଶରେ ନୁହେଁ,
ମଣିଷର ଚିନ୍ତାରେ ମଧ ହୁଏ ଉଦୟ।
ଯେଦିନ
ଆମ ଭିତରର ଅନ୍ଧକାରକୁ
ଆମେ ନିଜେ ଜିତିବା,
ସେଦିନ ହିଁ
ପୃଥିବୀର ସବୁଠାରୁ ସୁନ୍ଦର
ନୂତନ ଉଷାର ହେବ ଜନ୍ମ।

**ଛବିଳ କୁମାର ସାହୁ**
କୁଣ୍ଡାପିଠା, ଦେବଗଡ
ମୋ: ୯୯୩୮୦୯୯୪୯୬

ଜାତୀୟ ଚେତନା
JATIYA CHETANA



# ବଲିଉଡ୍‌ର ସୁପରଷ୍ଟାରଙ୍କୁ ପଛରେ ପକାଇଲେ ଭୂଷଣ କୁମାର



ବଲିଉଡ୍ ଷ୍ଟାରମାନଙ୍କ ଫିଲ୍ମ ଏବଂ ଅଭିନୟ ବ୍ୟତୀତ, ସେମାନଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ ଏବଂ ବହୁ ନିୟୁତ ଡଲାରର ସମ୍ପତ୍ତି ବିଷୟରେ ମଧ୍ୟ ପ୍ରାୟତଃ ଆଲୋଚନା ହୁଏ।

ବଲିଉଡ୍ ଷ୍ଟାରମାନଙ୍କ ଫିଲ୍ମ ଏବଂ ଅଭିନୟ ବ୍ୟତୀତ, ସେମାନଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ ଏବଂ ବହୁ ନିୟୁତ ଡଲାରର ସମ୍ପତ୍ତି ବିଷୟରେ ମଧ୍ୟ ପ୍ରାୟତଃ ଆଲୋଚନା ହୁଏ। ଶାହରୁଖ ଖାନ୍‌ଠାରୁ ଆରମ୍ଭ କରି ସଲମାନ ଖାନ୍, ଅମିତାଭ ବଚ୍ଚନ ଏବଂ ହ୍ରିତିକ୍ ରୋଶନ୍‌ଙ୍କ ପର୍ଯ୍ୟନ୍ତ ଅନେକ ବଡ଼ ତାରକା କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ। କିନ୍ତୁ ବଲିଉଡ୍‌ରେ ଏପରି ଜଣେ ବ୍ୟକ୍ତି ମଧ୍ୟ ଅଛନ୍ତି, ଯାହାଙ୍କ ସମ୍ପତ୍ତି ଏହି ସୁପରଷ୍ଟାରମାନଙ୍କଠାରୁ ମଧ୍ୟ ଅଧିକ। ସେ ହେଉଛନ୍ତି ଟି-ସିରିଜ୍‌ର ଚେୟାରମ୍ୟାନ୍ ଏବଂ ମ୍ୟାନେଜିଂ ଡାଇରେକ୍ଟର ଭୂଷଣ କୁମାର। ତାଙ୍କ ନେଟ୍‌ୱର୍ଥ ଜାଣିଲେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ।

ହୁରୁନ୍ ରିଚ୍ ଲିଷ୍ଟ ଅନୁସାରେ, ଭୂଷଣ କୁମାର ଏବଂ ତାଙ୍କ ପରିବାର ବଲିଉଡ୍‌ର ସବୁଠାରୁ ଧନୀ ନାମଗୁଡ଼ିକ ମଧ୍ୟରେ ସାମିଲ ଅଛନ୍ତି। ସେମାନଙ୍କର ମୋଟ ନେଟ୍‌ୱର୍ଥ ୩୬,୩୦୦ କୋଟି ଟଙ୍କା। ବିଶେଷ କଥା ହେଉଛି, ଭୂଷଣ କୁମାର ୮୭ତମ ସ୍ଥାନରେ ଅଛନ୍ତି ଏବଂ ମନୋରଞ୍ଜନ ଶିଳ୍ପରୁ ଟପ୍ ୧୦୦ରେ ସ୍ଥାନ ପାଇଥିବା ଏକମାତ୍ର ନାମ। ଅନ୍ୟପଟେ, ଏହି ତାଲିକାରେ ଶାହରୁଖ ଖାନ୍, ଅମିତାଭ ବଚ୍ଚନ, ସଲମାନ ଖାନ୍ ଏବଂ ହ୍ରିତିକ୍ ରୋଶନ୍‌ଙ୍କ ଭଳି ବଡ଼ ତାରକାମାନେ ମଧ୍ୟ ସାମିଲ ଅଛନ୍ତି। ଏହି ସମସ୍ତ ବଲିଉଡ୍ ସେଲିବ୍ରିଟିଙ୍କ ମୋଟ ସମ୍ପତ୍ତି ମଧ୍ୟ ଭୂଷଣ କୁମାରଙ୍କ ନେଟ୍‌ୱର୍ଥଠାରୁ କମ୍ ବୋଲି କୁହାଯାଇଛି।

ଭୂଷଣ କୁମାରଙ୍କ ସମ୍ପତ୍ତିର ଏକ ବଡ଼ ଅଂଶ ଟି-ସିରିଜ୍‌ର ବ୍ୟବସାୟ ସହ ଜଡିତ। ସେ ଟି-ସିରିଜ୍‌ର ଚେୟାରମ୍ୟାନ୍ ଏବଂ ମ୍ୟାନେଜିଂ ଡାଇରେକ୍ଟର। କମ୍ପାନୀର ଅଫିସିଆଲ୍ ନାମ ସୁପର୍ କ୍ୟାସେଟ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍। ସଙ୍ଗୀତ ବ୍ୟତୀତ ଟି-ସିରିଜ୍ ଫିଲ୍ମ ପ୍ରଡକ୍ସନ୍ ଏବଂ ଡିଜିଟାଲ୍ ଏଣ୍ଟରଟେନମେଣ୍ଟ କ୍ଷେତ୍ରରେ ମଧ୍ୟ କାମ କରେ। ଭୂଷଣ କୁମାର ୧୯୯୭ ମସିହାରେ ମାତ୍ର ୧୯ ବର୍ଷ ବୟସରେ ଟି-ସିରିଜ୍‌ର ଦାୟିତ୍ୱ ନେଇଥିଲେ। ତାଙ୍କ ପିତା ଏବଂ ଟି-ସିରିଜ୍‌ର ପ୍ରତିଷ୍ଠାତା ଗୁଲଶନ୍ କୁମାରଙ୍କ ହତ୍ୟା ପରେ ସେ କମ୍ପାନୀର ଦାୟିତ୍ୱ ନେଇଥିଲେ।

ଏହାପରେ ଟି-ସିରିଜ୍ ମ୍ୟୁଜିକ୍ କ୍ୟାସେଟ୍‌ରୁ ଆଗକୁ ବଢ଼ି ସଙ୍ଗୀତ, ଫିଲ୍ମ ପ୍ରଡକ୍ସନ୍ ଏବଂ ଡିଜିଟାଲ୍ ଏଣ୍ଟରଟେନମେଣ୍ଟ କ୍ଷେତ୍ରରେ ନିଜର ବ୍ୟବସାୟକୁ ବହୁତ ବଢ଼ାଇଛି। ଆଜି ଟି-ସିରିଜ୍ ବିଶ୍ୱର ସବୁଠାରୁ ଅଧିକ ସବ୍‌ସ୍କ୍ରାଇବ୍ କରାଯାଇଥିବା ୟୁଟ୍ୟୁବ୍ ଚ୍ୟାନେଲ୍‌ଗୁଡ଼ିକ ମଧ୍ୟରୁ ଗୋଟିଏ। କମ୍ପାନୀର ଫିଲ୍ମ ପ୍ରଡକ୍ସନ୍ ବ୍ୟାନର୍ ଅଧୀନରେ 'ଆନିମଲ୍' ଏବଂ 'ଭୁଲ୍ ଭୁଲୈୟା' ଭଳି ଅନେକ ବଡ଼ ଫିଲ୍ମ ମଧ୍ୟ ନିର୍ମାଣ ହୋଇଛି। ଏହି କାରଣରୁ ଭୂଷଣ କୁମାରଙ୍କ ସମ୍ପତ୍ତିର ଏକ ବଡ଼ ଅଂଶ ଟି-ସିରିଜ୍‌ର ବ୍ୟବସାୟ ସହ ଜଡିତ ବୋଲି କୁହାଯାଏ।

ଶାହରୁଖ ଖାନ୍‌ଙ୍କ ମୋଟ ନେଟ୍‌ୱର୍ଥ ୧୦,୦୦୦ କୋଟି ଟଙ୍କା। ଗତ ଏକ ବର୍ଷ ମଧ୍ୟରେ ତାଙ୍କ ସମ୍ପତ୍ତିରେ ପ୍ରାୟ ୨,୪୯୦ କୋଟି ଟଙ୍କାର ହ୍ରାସ ଘଟିଛି। ଏହା ସତ୍ତ୍ୱେ ସେ ଦେଶର ସବୁଠାରୁ ଧନୀ ଅଭିନେତାମାନଙ୍କ ମଧ୍ୟରେ ସାମିଲ ଅଛନ୍ତି। ସେହିପରି, ଅମିତାଭ ବଚ୍ଚନଙ୍କ ନେଟ୍‌ୱର୍ଥରେ ଏହି ବର୍ଷ ବଡ଼ ବୃଦ୍ଧି ଘଟିଛି। ତାଙ୍କ ମୋଟ ନେଟ୍‌ୱର୍ଥ ୪,୦୦୦ କୋଟି ଟଙ୍କା, ଯାହା ଗତ ବର୍ଷ ୧,୬୩୦ କୋଟି ଟଙ୍କା ଥିଲା। ସଲମାନ ଖାନ୍ ଏହି ବର୍ଷ ପ୍ରଥମ ଥର ପାଇଁ ହୁରୁନ୍ ରିଚ୍ ଲିଷ୍ଟରେ ସ୍ଥାନ ପାଇଛନ୍ତି। ତାଙ୍କ ମୋଟ ନେଟ୍‌ୱର୍ଥ ୩,୦୦୦ କୋଟି ଟଙ୍କା ବୋଲି କୁହାଯାଇଛି। ସେହିପରି, ହ୍ରିତିକ୍ ରୋଶନ୍‌ଙ୍କ ସମ୍ପତ୍ତିରେ ମଧ୍ୟ ବୃଦ୍ଧି ଘଟିଛି। ତାଙ୍କ ନେଟ୍‌ୱର୍ଥ ୩୪୦ କୋଟି ଟଙ୍କା ବଢ଼ି ୨,୫୦୦ କୋଟି ଟଙ୍କା ହୋଇଛି।

# ବଲିଉଡ୍‌ରେ ଓଡ଼ିଆ ପୁଅଙ୍କ କମାଲ୍

ବଲିଉଡର ବଡ଼ ପରଦାରେ ପୁଣି ଥରେ ନିଜର ଜାଦୁ ଦେଖାଇଛନ୍ତି ଓଡ଼ିଆ ପୁଅ ରାଜ କିଶୋର ହୋତା। ଆୟୁଷ୍ମାନ ଖୁରାନାଙ୍କ ବ୍ଲକବଷ୍ଟର ଚଳଚ୍ଚିତ୍ର 'ଡ୍ରିମ ଗାର୍ଲ ୨' ଏବଂ କାର୍ତ୍ତିକ ଆର୍ଯ୍ୟନଙ୍କ 'ଭୁଲ ଭୁଲେୟା ୩' ପରେ ଏବେ ସିଦ୍ଧାର୍ଥ ମଲହୋତ୍ରା ଓ ତମନ୍ନା ଭାଟିଆଙ୍କ ବହୁପ୍ରତୀକ୍ଷିତ ସିନେମା 'ଦ ବନ୍'ରେ ସହ-ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ସେ ବ୍ୟାପକ ସଫଳତା ସାଉଣ୍ଟିଛନ୍ତି।

ଏହି ସିନେମାଟି ପ୍ରେକ୍ଷାଳୟକୁ ଆସିବା ଦିନଠାରୁ ଦର୍ଶକଙ୍କ ପ୍ରଚୁର ଭଲପାଇବା ପାଉଛି ଏବଂ ସିନେମା ହଲଗୁଡ଼ିକରେ ପ୍ରବଳ ଭିଡ଼ ଜମୁଛି। ବକ୍ସ ଅଫିସରେ ଇତିମଧ୍ୟରେ ଏହା ପଚାଶ କୋଟିରୁ ଅଧିକ ବ୍ୟବସାୟ କରିସାରିଲାଣି। ଏହି ବଡ଼ ସଫଳତା ଏବଂ ନିର୍ମାଣର ଅନୁଭୂତିକୁ ନେଇ ଇଟିଭି ଭାରତ ସହ ନିଜର ମନର କଥା ସେୟାର କରିଛନ୍ତି ରାଜ କିଶୋର।

'ଦ ବନ୍' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦୀପକ କୁମାର ମିଶ୍ର ଦେଇଥିବା ବେଳେ ରାଜ କିଶୋର ତାଙ୍କ ସହ-ନିର୍ଦ୍ଦେଶକ ଭାବେ ସମ୍ପୂର୍ଣ୍ଣ ନିର୍ଦ୍ଦେଶନା ଦଳରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ବିଶାଳ ଦଳ ସହ କାମ କରିବା ଏବଂ ଏପରି ଏକ ଆକର୍ଷଣୀୟ କାହାଣୀରେ ନିଜର ଯୋଗଦାନ ଦେବାର ସୁଯୋଗ ପାଇଥିବାରୁ ସେ ନିଜକୁ ଅତ୍ୟନ୍ତ ଭାଗ୍ୟଶାଳୀ ମନେ କରିଛନ୍ତି। ନିର୍ଦ୍ଦେଶକ ଦୀପକ ସାରଙ୍କ ଦୂରଦୃଷ୍ଟି ବହୁତ ସ୍ୱଷ୍ଟ ଥିଲା ଏବଂ ସେ ଅତ୍ୟନ୍ତ ସୁନ୍ଦର ଭାବେ ନିର୍ଦ୍ଦେଶନା ଦେଇଛନ୍ତି। ଏହାସହ ସମ୍ପୂର୍ଣ୍ଣ ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିବାରୁ ଆଜି ଏହା ଏକ ସଫଳ ଓ ମନୋରଞ୍ଜକ ଚଳଚ୍ଚିତ୍ର ହୋଇପାରିଛି।

ସିନେମା ନିର୍ମାଣ ସମୟରେ ନିଜ ପାଇଁ ସବୁଠାରୁ ଅବିସ୍ମରଣୀୟ ଏବଂ ସ୍ୱପ୍ନିଲ ମୁହୂର୍ତ୍ତ ବିଷୟରେ ବଖାଣିବାକୁ ଯାଇ ରାଜ କିଶୋର ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀ ତମନ୍ନା ଭାଟିଆଙ୍କ ସହ କାମ କରିବାର ଅନୁଭବ ପ୍ରକାଶ କରିଛନ୍ତି। ସିନେମାର ଲୋକପ୍ରିୟ ଗୀତ 'ଠୁମକ୍ ଠୁମକ୍'ର ଶୁଟିଂ ଅନୁଭୂତି ତାଙ୍କ ପାଇଁ ଏକ ସ୍ୱପ୍ନ ସଦୃଶ ଥିଲା। ଏହି ଗୀତଟି ଏକ ନୂଆ ଧରଣର ସ୍ୱପ୍ନିଲ ଦୃଶ୍ୟକାବ୍ୟ ଭାବେ ଚିତ୍ରାୟିତ କରାଯାଇଥିଲା, ଯାହା ପାଇଁ ଏକ ଆକର୍ଷଣୀୟ ସେଟ୍, ଉଚ୍ଚକୋଟୀର ନୃତ୍ୟ ସଂରଚନା ଏବଂ ସ୍ୱତନ୍ତ୍ର ଆଲୋକସଜ୍ଜାର ବ୍ୟବସ୍ଥା ହୋଇଥିଲା।

ବଲିଉଡରେ ମଲାଇକା ଆରୋରା, ନୋରା ଫତେହି ଓ ତମନ୍ନା ଭାଟିଆଙ୍କ ଭଳି ଅନେକ ଲୋକପ୍ରିୟ କଳାକାର ଅଛନ୍ତି, ଯାହାଙ୍କର ବିଶାଳ ପ୍ରଶଂସକ ଗୋଷ୍ଠୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ତମନ୍ନାଙ୍କ ସହ ଏହି ସ୍ୱସଜ୍ଜିତ ଗୀତରେ କାମ କରିବା ତାଙ୍କ ପାଇଁ ଏକ ଅତ୍ୟନ୍ତ ଉତ୍ସାହଜନକ, ପ୍ରେରଣାଦାୟୀ ଓ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ।

ସିଦ୍ଧାର୍ଥ ମଲହୋତ୍ରା ଏବଂ ତମନ୍ନା ଭାଟିଆଙ୍କ ଜୀବନ୍ତ ଅଭିନୟ ସହ ସହ-ନିର୍ଦ୍ଦେଶକ ରାଜ କିଶୋରଙ୍କ ନିର୍ଦ୍ଦେଶନା କୌଶଳ ବଲିଉଡରେ ଓଡ଼ିଶାର ଗୌରବକୁ ଆଉ ଗୋଟିଏ ପାହାଚ ଉପରକୁ ନେଇଯାଇଛି।

ବଲିଉଡରେ ଓଡ଼ିଆ କଳାକାର, ନିର୍ଦ୍ଦେଶକ ଏବଂ କାରିଗରମାନେ ନିଜର ଆପ୍ରାଣ ଉଦ୍ୟମ ଓ ପ୍ରତିଭା ବଳରେ ଦେଶର ସବୁଠାରୁ ବଡ଼ ଚଳଚ୍ଚିତ୍ର ଉଦ୍ୟୋଗରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ନିର୍ଦ୍ଦେଶନା ଓ ବୈଷୟିକ କୌଶଳ କ୍ଷେତ୍ରରେ ରାଜ କିଶୋର ହୋତା ନିଜର ଶ୍ରେଷ୍ଠ ଯୋଗଦାନ ଦେଇଛନ୍ତି। ପୂର୍ବରୁ ଅନେକ ସଫଳ ଓ ବହୁଚର୍ଚ୍ଚିତ ଚଳଚ୍ଚିତ୍ରରେ ସହ-ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ପରେ ନିକଟରେ ମୁକ୍ତିଲାଭ କରିଥିବା 'ଦ ବନ୍'ରେ ସେ ନିଜ ନିର୍ଦ୍ଦେଶନା କୌଶଳର ଯାଦୁ ଦେଖାଇଛନ୍ତି। ସେହିପରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ନୀଳମାଧବ ପଣ୍ଡା ନିଜର ସାମାଜିକ ଓ ବାସ୍ତବବାଦୀ ଚଳଚ୍ଚିତ୍ର ନିର୍ମାଣ ମାଧ୍ୟମରେ ସମଗ୍ର ଦେଶରେ ଓଡ଼ିଶାର ନାଁ ଉଚ୍ଚା କରିଛନ୍ତି।

ଅଭିନୟ କ୍ଷେତ୍ରରେ ପୀତବାସ ତ୍ରିପାଠୀ ନିଜର ଜୀବନ୍ତ ଓ ବଳିଷ୍ଠ ଅଭିନୟ ଦ୍ୱାରା ଦେଶ ବିଦେଶରେ ପ୍ରଶଂସିତ ହୋଇଛନ୍ତି। ନନ୍ଦିତା ଦାସ ନିଜର ଦକ୍ଷ ଅଭିନୟ ସହ ସଫଳ ନିର୍ଦ୍ଦେଶନା ଦେଇ ଭାରତୀୟ ସିନେମା ଜଗତରେ ଏକ ଭିନ୍ନ ସ୍ଥାନ ଗଢ଼ିଛନ୍ତି।

ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଆ ପ୍ରତିଭାଙ୍କ ପ୍ରଭାବ ବେଶ୍ ଅନୁଭୂତ ହୁଏ। ସୋନା ମହାପାତ୍ର ନିଜର ସ୍ୱତନ୍ତ୍ର କଣ୍ଠସ୍ୱର ଓ ଲୋକପ୍ରିୟ ଗୀତ ମାଧ୍ୟମରେ ସଙ୍ଗୀତ ଜଗତରେ ବ୍ୟାପକ ସଫଳତା ପାଇଛନ୍ତି। ହରିହର ଦାସ ଜଣେ ବିଶିଷ୍ଟ ନୃତ୍ୟଶିଳ୍ପୀ ଭାବେ ନିଜର ନୃତ୍ୟ କଳା ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିଣିଛନ୍ତି। ଏହିସବୁ ସଫଳତା ପ୍ରମାଣିତ କରେ ଯେ ବଲିଉଡରେ ଓଡ଼ିଶାର ପ୍ରତିଭାମାନେ କେବଳ ଅଭିନୟ ନୁହେଁ, ନିର୍ଦ୍ଦେଶନା, ସଙ୍ଗୀତ ଏବଂ କଳା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଦେଶରେ ନିଜର ସ୍ୱତନ୍ତ୍ର ମୁଦ୍ରା ଅଙ୍କନ କରିଛନ୍ତି।



# ବକ୍ସ ଅଫିସରେ 'ଦୃଶ୍ୟମ୍ ୩'ର ଧମାକା

ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ମାତ୍ରେ ପ୍ରେକ୍ଷାକାରଙ୍କ ମନ ଜିଣିବାରେ ସଫଳ ହୋଇଛି ଅଜୟ ଦେବଗନ୍‌ଙ୍କ ବହୁପ୍ରତୀକ୍ଷିତ ସିନେମା। 'ଦୃଶ୍ୟମ୍' କାହାଣୀର ଶେଷ ଭାଗ ବା ଅନ୍ତିମ ଅଧ୍ୟାୟ ଭାବେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖରେ ସାରା ଦେଶରେ ପ୍ରଦର୍ଶିତ ହୋଇଛି। ପ୍ରଦର୍ଶନର ପ୍ରଥମ ଦିନରୁ ହିଁ ପ୍ରେକ୍ଷାଳୟଗୁଡ଼ିକରେ ପ୍ରବଳ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିବା ବେଳେ ଏହା ବକ୍ସ ଅଫିସରେ ଏକ ନୂଆ ଇତିହାସ ରଚିଛି।

ଫିଲ୍ମଟି ମୁକ୍ତିଲାଭ କରିବାର ପାଞ୍ଚ ଦିନ ପୂର୍ବରୁ ହିଁ ଏହାର ଆଗୁଆ ଟିକେଟ୍ ବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେବଳ ଆଗୁଆ ଟିକେଟ୍ ବିକ୍ରିରୁ ହିଁ ଏହା ସାତାବନ କୋଟି ଟଙ୍କାରୁ ଅଧିକ ଆୟ କରି ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲା। ପ୍ରଦର୍ଶନର ପ୍ରଥମ ଦିନରେ ଭାରତରେ ଏହାର ନିଟ୍ ଆୟ ଛାଷଠି କୋଟି ସୁତର ଲକ୍ଷ ଟଙ୍କାରୁ ଅଧିକ ହୋଇଥିବା ବେଳେ ମୋଟ ଆୟ ଅଶୀ କୋଟି ଟଙ୍କାରୁ ଅଧିକ ରହିଛି। ସାରା ଦେଶରେ ପନ୍ଦର ହଜାରରୁ ଅଧିକ ଶୋ' ମାଧ୍ୟମରେ ଏହା ପ୍ରଦର୍ଶିତ ହେଉଛି। ଛୋଟ ଓ ବଡ଼ ପ୍ରତ୍ୟେକ ସହରରେ ପ୍ରାୟ ଷାଠିଏ ପ୍ରତିଶତରୁ ଅଧିକ ଦର୍ଶକଙ୍କ ଉପସ୍ଥିତି ରେକର୍ଡ କରାଯାଇଛି।

ଏହି ସିନେମାଟି ଅନେକ ବଡ଼ ବଡ଼ ସଫଳ ସିନେମାର ପ୍ରଥମ ଦିନର ଆୟ ରେକର୍ଡକୁ ପଛରେ ପକାଇ ଦେଇଛି। ବିଶେଷ କରି ଅନଲାଇନ୍ ଟିକେଟ୍ ବିକ୍ରି ପ୍ରକ୍ରିୟାରେ ପ୍ରତି ଘଣ୍ଟାରେ ସତୁରୀ ହଜାରରୁ ଅଧିକ ଟିକେଟ୍ ବିକ୍ରି ହୋଇ ଏକ ନୂଆ ରେକର୍ଡ ହୋଇଛି, ଯାହା ପୂର୍ବରୁ ଅନେକ ବଡ଼ ବଡ଼ ସୁପରହିଟ୍ ଫିଲ୍ମରେ ମଧ୍ୟ ଦେଖିବାକୁ ମିଳିନଥିଲା। ଏହି ଅଭୂତପୂର୍ବ ସଫଳତା ସହ ଏହା ଚଳିତ ବର୍ଷର ଦ୍ୱିତୀୟ ସର୍ବାଧିକ ଆୟକାରୀ ଚଳଚ୍ଚିତ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଅଭିଷେକ ପାଠକଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଜୟ ଦେବଗନ୍ ପୁଣି ଥରେ ନିଜର ଚର୍ଚ୍ଚିତ ଚରିତ୍ର ବିଜୟ ସାଲଗାଓଁକର ରୂପରେ ଫେରିଛନ୍ତି। ତାଙ୍କ ସହ ତବୁ, ଶ୍ରିୟା ସରନ୍, ଇଶିତା ଦତ୍ତ, ମୃଣାଳ ଯାଧବ ଏବଂ ରଜତ କପୁର ପ୍ରମୁଖ ନିଜ ନିଜ ଚରିତ୍ରରେ ପୁନର୍ବାର ନଜର ଆସିଛନ୍ତି। ଏହାସହ ଏହି ନୂତନ ଅଧ୍ୟାୟରେ ଜୟଦୀପ ଅହଲାୱତ୍ ଏବଂ ପ୍ରକାଶ ରାଜ୍ ନୂଆ କଳାକାର ଭାବେ ସାମିଲ ହୋଇ ଚଳଚ୍ଚିତ୍ରଟିକୁ ଅଧିକ ରୋମାଞ୍ଚକର କରିଛନ୍ତି। ଆମିଲ୍ କିୟାନ୍ ଖାନ୍ ଓ ପରଭେଜ୍ ଶେଖ୍‌ଙ୍କ ଦ୍ୱାରା ଲିଖିତ ଏହି ସିନେମାଟି ଆଲୋକ ଜୈନ, ଅଜିତ୍ ଅନ୍ଧାରେ, କୁମାର ମଙ୍ଗତ୍ ପାଠକ ଓ ଅଭିଷେକ ପାଠକଙ୍କ ଦ୍ୱାରା ନିର୍ମିତ ହୋଇଛି। ପୂର୍ବର ମୂଳ କାହାଣୀଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ନୂଆ କାହାଣୀ ଶୈଳୀକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଛି। ବିଜୟ ସାଲଗାଓଁକର ଓ ତାଙ୍କ ପରିବାରର ଏହି ଅନ୍ତିମ ସଂଘର୍ଷର କାହାଣୀ ଏବେ ସାରା ଦେଶର ପ୍ରେକ୍ଷାଳୟଗୁଡ଼ିକରେ ବ୍ୟାପକ ସଫଳତା ସାଉଣ୍ଟୁଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ